## ସଂକ୍ଷେପରେ

### ଦେଶୀ ମଦ ଚାଲାଣ, ୪ ଗିରଫ

ଜୟପୁର,୧୨ା୩(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଓ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୪ ଲିଟର ଦେଶୀ ମଦ ଜବତ କରାଯାଇଛି। ଧଡରିଗୁଡା ଗ୍ରାମ ରାସ୍ତାରେ ଚଢାଉ କରି ସାଧୁ ଚଲାଣଙ୍କଠାରୁ ୮ ଲିଟର, କୁମୁଳିପୁଟରୁ ଦଣ୍ଡସେନାଗୁଡା ଗ୍ରାମର ଘାସି ରାମ ଭତାବାଇ ଓ ମୋହନ ମୁଦୁଲିଙ୍କଠାରୁ ୧୮ ଲିଟର ଓ ସାନମୁଣ୍ଡାଗୁଡା ଗ୍ରାମ ରାସ୍ତାରେ ଚଢାଉ କରି ସନମତି ବିଷୋୟୀଙ୍କଠାରୁ ୮ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ନିରୀକ୍ଷକ ଅଜୟ ନାୟକ ଓ ଥାନା ଓଆଇସି ସୁବ୍ରତ କିଶୋରି ହିରନ ସୂଚନା ଦେଇଛନ୍ତି।

### ଦିବ୍ୟାଙ୍ଗ ନାବାଳିକାଙ୍କୁ ଗର୍ଭବତୀ

### ୨ ଯୁବକଙ୍କୁ ପୋଲିସ ଜିମା ଦେଲେ ଗ୍ରାମବାସୀ

ବନ୍ଧୁଗାଁ,୧୨ା୩ (ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକା ୬ ମାସ ଗର୍ଭବତୀ ଅଛନ୍ତି। ଏହି ଘଟଣାରେ ଗ୍ରାମବାସୀ ନାବାଳିକା ଚିହ୍ନଟ କରିଥିବା ୨ ଯୁବକଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ପୀଡ଼ିତାଙ୍କ ପରିବାର ଲୋକେ ଖବର ଲେଖାଯିବା ସୁଦ୍ଧା ଥାନାରେ କୌଣସି ଲିଖିତ ଅଭିଯୋଗ କରି ନ ଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଦିବ୍ୟାଙ୍ଗ ନାବାଳିକା ଗର୍ଭବତୀ ଥିବା ମାସେ ତଳେ ଜଣାପଡ଼ିଥିଲା। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗ୍ରାମବାସୀ ଚିହ୍ନଟ କରିବାକୁ ଚେଷ୍ଟା କରିଥିଲେ। ୫ଦିନ ଧରି ଘଟଣାକୁ ଗ୍ରାମର କେତେଜଣ ବ୍ୟକ୍ତି ବିଚାରବିମର୍ଶ କରିଥିଲେ। ନାବାଳିକା ମୁକ ହୋଇଥିବାରୁ ତାଙ୍କୁ ଗ୍ରାମବାସୀ କିଛି ଫଟୋ ଦେଖାଇବାରୁ ସେ ଫଟୋରେ ୨ ଯୁବକଙ୍କୁ ଚିହ୍ନଟ କରିଥିଲେ। ଏହି ୨ ଯୁବକ ଘଟଣା ନେଇ କାହାକୁ କିଛି କହିଲେ ବେକ କାଟି ଦେବାକୁ ଧମକ ଦେଇଥିବା ନାବାଳିକା ଠଉରାଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହି ଚିହ୍ନଟକୁ ନେଇ ୨ ଯୁବକ ସହମତ ନ ହେବାରୁ ନାବାଳିକାଙ୍କ ମା'ବାପା ଓ ଗ୍ରାମବାସୀ ଗୁରୁବାର ବନ୍ଧୁଗାଁ ଥାନାରେ ଜଣାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ବେଳେ ଆଇଆଇସି ସିନ୍ଧୁ ସାରକା ୨ ଯୁବକଙ୍କୁ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି। ଅଧିକ ତଦନ୍ତ ପାଇଁ ପୋଲିସ ନାବାଳିକାଙ୍କ ଗ୍ରାମକୁ ଯାଇଥିବା ଜଣାପଡ଼ିଛି। ଶୁକ୍ରବାର ଲିଖିତ ଅଭିଯୋଗ ହେବା ପରେ ତଦନ୍ତକରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଇଆଇସି ସାରକା କହିଛନ୍ତି।

### ଯୁବତୀଙ୍କୁ ପ୍ରତାରଣା, ବନ୍ଧାହେଲେ ଯୁବକ

ବ୍ରହ୍ମପୁର,୧୨ା୩(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବତୀଙ୍କୁ ପ୍ରେମ କରି ଶାରିରୀକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ଅଭିଯୋଗରେ ବଡବଜାର ଥାନା ପୋଲିସ ସୁକୁଣ୍ଡା ଗ୍ରାମର କାଳିଆ ସାହୁ(୨୧)ଙ୍କୁ ଗିରଫ କରିଛି। ଗୁରୁବାର ଏମକେସିଜି ମେଡିକାଲରେ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ମାମଲା ନଂ. ୧୭୦/୨୬ରେ କାଳିଆଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତବର୍ଷ ଦଣ୍ଡଯାତ୍ରା ବେଳେ କାଳିଆ ଉକ୍ତ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖି ବିଭିନ୍ନ ପ୍ରତିଶ୍ରୁତି ଦେଇ ବଳାତ୍କାର କରି ଆସୁଥିବା ଅଭିଯୋଗ ହୋଇଛି।

# ଦରମା ବିଳମ୍ବ ଯୋଗୁ ସହରରୁ ଉଠିଲାନି ଆବର୍ଜନା

## ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କୋରାପୁଟ,୧୨ା୩(ଅମିତାଭ ବେହେରା)



ରାସ୍ତାରେ ଅଳିଆ ଆବର୍ଜନା ପଡ଼ିରହିଛି।

କୋରାପୁଟ ପୌର ପରିଷଦ ଅଧୀନ ସଫେଇ କାର୍ଯ୍ୟ ନେଇଥିବା ଠିକା ସଂସ୍ଥାର ମନମାନି ଯୋଗୁ ସହରରୁ ଅଳିଆ ଉଠିବାରେ ବାଧକ ସୃଷ୍ଟି ହୋଇଛି। ଦରମା ମିଳି ନ ଥିବାରୁ ସଫେଇ କର୍ମଚାରୀ ଗୁରୁବାର କାର୍ଯ୍ୟ ବନ୍ଦ ରଖି ପ୍ରତିବାଦ କରିଛନ୍ତି। ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଜମା ହୋଇ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନାନୁଯାୟୀ, କୋରାପୁଟ ପୌର ପରିଷଦର ୨୧ ୱାର୍ଡର ସଫେଇ କାର୍ଯ୍ୟ ପାଇଁ ପୂର୍ବରୁ ମଞ୍ଜୁ ସର୍ଭିସ୍‌କୁ ଠିକା ଦିଆଯାଇଥିଲା। ପରେ କିଛି ରାଜନୈତିକ ହସ୍ତକ୍ଷେପ ଯୋଗୁ ମଞ୍ଜୁ ସର୍ଭିସ୍‌କୁ କେବଳ ୭ ୱାର୍ଡର ସଫେଇ ଦାୟିତ୍ୱ ମିଳିଥିଲା। ବସ୍‌ଷ୍ଟାଣ୍ଡ ସମେତ ଅବଶିଷ୍ଟ ୧୪ ୱାର୍ଡର ସଫେଇ କାର୍ଯ୍ୟ ପଣ୍ଡା ଠିକା ସଂସ୍ଥାକୁ ପ୍ରଦାନ କରାଯାଇଛି। ଏହି ସଂସ୍ଥା ପକ୍ଷରୁ ସଫେଇ କର୍ମଚାରୀମାନଙ୍କୁ ସୁରକ୍ଷା କିଟ୍ ଦେବାରେ ବିଳମ୍ବ ଓ ମାସିକ ଦରମା ପ୍ରଦାନରେ ଅନିୟମିତତା ଦେଖା ଦେଉଥିବା ଅଭିଯୋଗ ହୋଇଛି। କର୍ମଚାରୀମାନେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ସମାଧାନ ହୋଇ ନ ଥିବାରୁ ସେମାନେ ବାଧ ହୋଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିବା କହିଛନ୍ତି। ଚଳିତମାସର ଦରମା ବର୍ତ୍ତମାନ ସୁଦ୍ଧା ମିଳି ନ ଥିବାରୁ ସମସ୍ତ କର୍ମଚାରୀ କାର୍ଯ୍ୟ ବନ୍ଦ ରଖିଛନ୍ତି। ଏଥିପାଇଁ ବସ୍‌ଷ୍ଟାଣ୍ଡ ଓ ସହରର ବିଭିନ୍ନ ଅଞ୍ଚଳ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇରହିଛି। ସଫେଇ କାର୍ଯ୍ୟ ପାଇଁ ପୌର ପରିଷଦ ପକ୍ଷରୁ ପ୍ରତିମାସରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ସୁଦ୍ଧା ସହରରୁ ମଇଳା ଉଠୁ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ କୋରାପୁଟ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କୁ ପଚାରିବାରୁ ବୁଧବାରଠାରୁ ଅନ୍‌ଲାଇନରେ ସଫେଇ କର୍ମଚାରୀଙ୍କ ଦରମା ପଠାଯାଇଥିବା ସେ କହିଛନ୍ତି। କେତେଜଣ କର୍ମଚାରୀ ଜାଣିଶୁଣି ବିଶୃଙ୍ଖଳା କରୁଥିବା ପ୍ରକାଶ କରିଛନ୍ତି।

# ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅନ୍ୟତ୍ର ସ୍ଥାନାନ୍ତର ଦାବି

ନନ୍ଦପୁର/ପାଡୁଆ, ୧୨ା୩ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)



ଘର ଆଗରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର।

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତ ଆମ୍ବାପଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଆଗରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ଘର ମୁହଁରେ ୧୧ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମରର ଯନ୍ତ୍ରାଂଶ ରହିଛି। ଗ୍ରାମବାସୀ ଓ ଗୃହପାଳିତ ପ୍ରାଣୀଙ୍କ ପାଇଁ ଏହା ବିପଦ ସୃଷ୍ଟି କରିପାରେ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି। ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବାରମ୍ବାର ଅନୁରୋଧ କରାଯାଇଥିଲେ ସୁଦ୍ଧା କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଗ୍ରାମର ଭିବିସେନ ଖିଲ, ଦାମ ଗୁଞ୍ଜିଆ, ରାମନାଥ ପାଙ୍ଗି, ବିଷ୍ଣୁ ଦିଶାରି, ତ୍ରିନାଥ ଖେମୁଣ୍ଡୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଜିଲା, ବ୍ଲକ୍ ଓ ଟିପି ଏସ୍‌ଓଡିଏଲ୍ କର୍ତ୍ତୃପକ୍ଷ ଗ୍ରାମ ପରିଦର୍ଶନକରି ଟ୍ରାନ୍ସଫର୍ମର ସ୍ଥାନାନ୍ତର ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି।

# ଆର୍‌ଆଇଙ୍କୁ ମାଡ଼ ଘଟଣା: ପ୍ରତିପକ୍ଷଙ୍କ ପାଲଟା ଅଭିଯୋଗ



ଅଭିଯୋଗ କରିବାକୁ ଆସିଥିବା କମଳଲୋଚନ ଖେମୁଣ୍ଡୁ ଓ ଡମ୍ବ ସମାଜ ବିକାଶ ପରିଷଦର ସଦସ୍ୟମାନେ।

ନନ୍ଦପୁର,୧୨ା୩(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ତହସିଲ ଅଧୀନ କାର୍ଯ୍ୟରତ ଆର୍‌ଆଇ ମଧୁସୂଦନ ଖେମୁଣ୍ଡୁଙ୍କୁ ମାଡ ମାରିବା ଘଟଣାରେ ଅଭିଯୁକ୍ତ କମଳଲୋଚନ ଖେମୁଣ୍ଡୁ ନନ୍ଦପୁର ଥାନାରେ ଗୁରୁବାର ପାଲଟା ଅଭିଯୋଗ କରିଛନ୍ତି। ଆର୍‌ଆଇ ତାଙ୍କ ପୁଅଙ୍କ ଜାତି ପ୍ରମାଣପତ୍ର କରିଦେବାକୁ କହି ୧୦ ହଜାର ଟଙ୍କା ମାଗିଥିଲେ। ସେ ୨ ହଜାର ଟଙ୍କା ଦେଇ ବଳକା ୮ ହଜାର ଟଙ୍କା ଦେଇ ପାରିବେନି କହିବାରୁ ମଧୁସୂଦନ ତାଙ୍କୁ ୨ ମାସ ହେବ ବିଭିନ୍ନ ବାହାନରେ ଦୌଡ଼ାଉଥିଲେ। ବୁଧବାର ଆର୍‌ଆଇ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା କହିଛନ୍ତି। ଆକ୍ରୋଶମୂଳକ ଭାବେ ପୁଅର ଜାତିପ୍ରମାଣପତ୍ରରେ ଧର୍ମାନ୍ତରୀକରଣ ଉଲ୍ଲେଖକରି ରିପୋର୍ଟ ପ୍ରଦାନ କରିଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଏତଲା ସମୟରେ ଜିଲା ଡମ୍ବ ସମାଜ ବିକାଶ ପରିଷଦ ସଭାପତି ରାଜେନ୍ଦ୍ର ଧଡକା, ନନ୍ଦପୁର ବ୍ଲକ ସଭାପତି ଗଙ୍ଗାଧର ଖରା, ସେମିଳିଗୁଡା ବ୍ଲକ୍ ଡମ୍ବ ସମାଜ ସଭାପତି ନିରଞ୍ଜନ ଖିଲ ପ୍ରମୁଖ ଉପସ୍ଥିତ ଥିଲେ। ଠିକ ତଦନ୍ତ କରିବାକୁ ଥାନାଧିକାରୀ ତ୍ରିନାଥ ତୋଟାପାଡ଼ଆଙ୍କୁ ଅନୁରୋଧ କରିଥିଲେ। ଆର୍‌ଆଇଙ୍କ ଏତଲା ପ୍ରକାରେ ନଂ. ୩୫/୨୦୨୬ରେ ମାମଲା ରୁଜୁକରି ଏସ୍‌ଆଇ ବେଦୋବର ସାହୁ ତଦନ୍ତ କରୁଛନ୍ତି। କମଲୋଚନଙ୍କ ଏତଲା କ୍ରମେ ପୋଲିସ ତଦନ୍ତ କରିବ ବୋଲି ସୂଚନା ଦେଇଛି। ଆର୍‌ଆଇ ଖେମୁଣ୍ଡୁ ଲାଞ୍ଚ ମାଗିବା ଘଟଣା ସମ୍ପୂର୍ଣ୍ଣ ମିଛ ବୋଲି କହିଛନ୍ତି। ଅନ୍‌ଲାଇନ ଜାତିଗତ ପ୍ରମାଣପତ୍ର ଆବେଦନପତ୍ର ଆସିବା ପରେ ତହସିଲଦାରଙ୍କ ନିର୍ଦ୍ଦେଶ ମୁତାବକ ସେ ଖିଲୁଆ ଗ୍ରାମକୁ ଯାଇ ତଦନ୍ତ କରିଥିଲେ। ଖିଲୁଆ ଗ୍ରାମବାସୀ ଓ କମଲଲୋଚନଙ୍କ ପଡୋଶୀଙ୍କ ସୂଚନା ଆଧାରରେ ଧର୍ମାନ୍ତରୀକରଣ ଉଲ୍ଲେଖକରି ତଦନ୍ତ ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରିଥିବା କହିଛନ୍ତି। ତହସିଲଦାର ଆବେଦନପତ୍ର ନାକଚ କରିଥିଲେ। କିନ୍ତୁ କମଲୋଚନ ଓ ତାଙ୍କ ପରିବାର ଲୋକେ ବାରମ୍ବାର କାର୍ଯ୍ୟାଳୟ ଆସି ରିପୋର୍ଟ ପରିବର୍ତ୍ତନ କରିବାକୁ ଅନୁରୋଧ କରିଥିଲେ। ଏହାକୁ ସେ କରି ନ ଥିବାରୁ ପରିବାର ଲୋକେ ମିଶି ତାଙ୍କ ସହ ଏଭଳି ଅଶାଳୀନ ବ୍ୟବହାର କରିଥିବା କହିଛନ୍ତି। ଏ ନେଇ ଜିଲା ରାଜସ୍ୱ ନିରୀକ୍ଷକ କର୍ମଚାରୀ ସଂଘ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଆଲୋଚନା କରିବେ ବୋଲି ସୂଚନା ମିଳିଛି।

# କୋରାପୁଟରେ ପେଟ୍ରୋଲ ପାଇଁ ଗ୍ରାହକଙ୍କ ଲମ୍ବାଲାଇନ୍



କୋରାପୁଟ ଓଏମପି ପେଟ୍ରୋଲ ପମ୍ପରେ ଗ୍ରାହକଙ୍କ ଭିଡ଼।

କୋରାପୁଟ,୧୨ା୩(ଅମିତାଭ ବେହେରା)

ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଚାଲୁଥିବା ଯୁଦ୍ଧ ପରିସ୍ଥିତିକୁ ନେଇ ଇନ୍ଧନ ଯୋଗାଣ ଉପରେ ପ୍ରଭାବ ପଡ଼ିବା ଆଶଙ୍କା କରି କୋରାପୁଟ ସହରର ବିଭିନ୍ନ ପେଟ୍ରୋଲ ପମ୍ପରେ ଗ୍ରାହକମାନଙ୍କ ଗୁରୁବାର ଭିଡ଼ ଦେଖିବାକୁ ମିଳିଛି। ସହରର ଷ୍ଟେଟ ବ୍ୟାଙ୍କ ନିକଟ ପେଟ୍ରୋଲ ପମ୍ପ, ଓଏମ୍‌ପି ପେଟ୍ରୋଲ ପମ୍ପ, ଗାନ୍ଧୀନଗର ପେଟ୍ରୋଲ ପମ୍ପ ସମେତ ବିଭିନ୍ନ ପେଟ୍ରୋଲ ପମ୍ପରେ ଦୁଇଚକିଆ ଓ ଚାରିଚକିଆ ଯାନ ଧରି ଶହ ଶହ ଲୋକ ଲମ୍ବା ଲାଇନ ଲଗାଇଥିଲେ। ଯୁଦ୍ଧ ପରିସ୍ଥିତି ଦୀର୍ଘସ୍ଥାୟୀ ହେଲେ ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲ ଦାମ ବୃଦ୍ଧି ସହ ଯୋଗାଣରେ ଅସୁବିଧା ହେବା ଭୟ କରି ଅନେକ ଗ୍ରାହକ ଆଗୁଆ ଇନ୍ଧନ ଭରାଇବାକୁ ପାଇଁ ପମ୍ପଗୁଡ଼ିକରେ ଭିଡ଼ କରୁଛନ୍ତି। ପେଟ୍ରୋଲ ପମ୍ପ ମାଲିକମାନେ କହିଛନ୍ତି, ବର୍ତ୍ତମାନ ପାଇଁ ଇନ୍ଧନ ଯୋଗାଣ ସାଧାରଣ ଅବସ୍ଥାରେ ରହିଛି। ଗ୍ରାହକମାନେ ଅନାବଶ୍ୟକ ଭାବେ ଭିଡ଼ ନ କରିବାକୁ ଓ ଆତଙ୍କିତ ନ ହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

### ଜୟପୁର ଉପଜିଲାପାଳଙ୍କ ବଦଳି

ଜୟପୁର,୧୨ା୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଉପଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆକାବରମ ସସ୍ୟା ରେଡ୍ଡୀଙ୍କ ବଦଳି ହୋଇଛି। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦୋନ୍ନତି ଦିଆଯାଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଗୁରୁବାର ପ୍ରକାଶ କରାଯାଇଛି। ଉପଜିଲାପାଳ ରେଡ୍ଡୀଙ୍କୁ



ବ୍ରହ୍ମପୁର ମହାନଗର ନିଗମ କମିଶନର ତଥା ବ୍ରହ୍ମପୁର ଉନ୍ନୟନ ପରିଷଦ ଉପାଧକ୍ଷା ଭାବେ ନିଯୁକ୍ତି ଦିଆଯାଇଛି। ସେ ୨୦୨୪ ସେପ୍ଟେମ୍ବରରେ ଜୟପୁର ଉପଜିଲାପାଳ ଭାବେ ଯୋଗଦେଇଥିଲେ। ଜୟପୁର ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ। ୧୮ ମାସ କାର୍ଯ୍ୟକାଳ ମଧ୍ୟରେ ଜୟପୁର ଉପଖଣ୍ଡ ଓ ପୌରସଂସ୍ଥାରେ ସଫଳତାର ସହ କାର୍ଯ୍ୟ କରି ଅଞ୍ଚଳବାସୀଙ୍କ ନିକଟତର ହୋଇପାରିଥିଲେ।

### କାର୍ ଧକ୍କାରେ ଜଣେ ମୃତ

ପାତ୍ରପୁର,୧୨ା୩(ଉମା ଚରଣ ନେପାକ)

ଜରଡ଼ା ଥାନା ସୁରଙ୍ଗୀଠାରେ ବୁଧବାର ସନ୍ଧ୍ୟାରେ କାର୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁରଙ୍ଗୀ ଗ୍ରାମର ଅଭିମନ୍ୟୁ ଗୌଡ଼। ଅଭିମନ୍ୟୁ କୌଣସି କାମରେ ବଜାରକୁ ଯାଇଥିବା ବେଳେ ତାଙ୍କୁ ପଛପଟୁ କାର ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଅଭିମନ୍ୟୁଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇ ଥିବା କାର୍ ଡ୍ରାଇଭର ଗାଡି ନେଇ ଜରଡ଼ା ଥାନାରେ ଆତ୍ମସର୍ମପଣ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିଛି।

# ପ୍ରଧାନଶିକ୍ଷକଙ୍କ ବଦଳି ଦାବିକଲେ ଗ୍ରାମବାସୀ



ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ଗ୍ରାମବାସୀ।

## ଜିଲାପାଳଙ୍କୁ ଦେଲେ ଦାବିପତ୍ର

କୋରାପୁଟ, ୧୨ା୩(ଅମିତାଭ ବେହେରା)

କୋରାପୁଟ ଜିଲା ନାରାୟଣପଟଣା ବ୍ଲକ ଲଙ୍ଗଲବେଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଯାମି ସତ୍ୟ ନାରାୟଣ ରାଓଙ୍କ ବଦଳି ଦାବି କରିଛନ୍ତି ଗ୍ରାମବାସୀ। ସେମାନେ ଗୁରୁବାର ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ପ୍ରଧାନ ଶିକ୍ଷକ ରାଓଙ୍କୁ ତୁରନ୍ତ ବଦଳି କରିବାକୁ ଦାବି କରିଛନ୍ତି। ବିଦ୍ୟାଳୟରେ ଭଲ ପାଠ ପଢ଼ା ହେଉ ନ ଥିବା, ଠିକ୍ ସମୟରେ ଖାଇବାକୁ ଦିଆ ଯାଉ ନ ଥିବା ନେଇ ପୂର୍ବତନ କମିଟି ଅଧକ୍ଷ ପାଲକା ଗଙ୍ଗା, ମାଣ୍ଡିଙ୍ଗୀ କାମେସୁ, ଏନ୍.ପବନ କୁମାର ଚୌଧୁରୀ ଅଭିଯୋଗ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ଅନେକ ଅନିୟମିତତା ଅଭିଯୋଗ କରି ଗ୍ରାମବାସୀ ଗତମାସରେ ଜିଲାପାଳଙ୍କୁ ନାରାୟଣପାଟଣାଗସ୍ତ ବେଳେ ଜଣାଇଥିଲେ। ଉକ୍ତ ଅଭିଯୋଗର ତଦନ୍ତ କରାଯାଇଛି। ଖୁବ୍‌ଶୀଘ୍ର ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଇଓ କରୁଣାକର ଭୁଏ କହିଛନ୍ତି।

# ଜିଲା ପ୍ରଶାସନର ଛାତ୍ରୀଙ୍କୁ ଆର୍ଥିକ ସହାୟତା



ଅଭିପ୍ସାଙ୍କୁ ଜିଲାପାଳ ମନୋଜ ସତ୍ୟବାନ ମହାଜନ ପ୍ରଶଂସା ପତ୍ର ପ୍ରଦାନ କରୁଛନ୍ତି।

ସୁନାବେଡା,୧୨ା୩(କୃତ୍ତିବାସ ପ୍ରଧାନ)

ଇଣ୍ଡୋନେସିଆର ଜାକର୍ତ୍ତାରେ ହେବାକୁ ଥିବା ଅନ୍ତର୍ଜାତୀୟ ସ୍ପିଡ୍ ସ୍କେଟିଂରେ ଭାଗନେବା ପାଇଁ ଡିଏଭିଭିଏସ୍ ବିଦ୍ୟାଳୟର ଛାତ୍ରୀ ଅଭିପ୍ସା ପ୍ରିୟଦର୍ଶନୀଙ୍କୁ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଆର୍ଥିକ ସହାୟତା ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଭିପ୍ସାଙ୍କୁ ପ୍ରଶଂସାପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ଜିଲାପାଳ ଓ ସେମିଳିଗୁଡା ବ୍ଲକ କର୍ମଚାରୀ ନିଜ ଦରମାରୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡିଛି। ମେ ୨୯ରୁ ୩୧ ଯାଏ ଏହି ପ୍ରତିଯୋଗିତା ହେବ। ଅଭୀପ୍ସା ଏହି ପ୍ରତିଯୋଗିତାରେ ଭାରତୀୟ ଟିମ୍‌ର ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଅବସରରେ ସେମିଳିଗୁଡା ବିଡିଓ ଯସ୍ମିନ୍ ପ୍ରଧାନ ଓ ଜିଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଉପସ୍ଥିତ ଥିଲେ।

# ଗୋଲୁର-ବିଲାପୁଟ ଆର୍‌ଡି ରାସ୍ତା ମରଣଯନ୍ତା

ନନ୍ଦପୁର/ପାଡୁଆ, ୧୨ା୩ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତ ସଦର ମହକୁମାରୁ ବିଲାପୁଟ ସଂଯୋଗ କରୁଥିବା ଆର୍‌ଡି ବିଭାଗ ଦ୍ୱାରା ନିର୍ମିତ ୪,୫ କିମି ବିଶିଷ୍ଟ ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ବର୍ଷ ୨୦୧୮ ରେ ନିର୍ମାଣ ଶେଷ ହୋଇଥିଲା। ନିର୍ମାଣ ପରଠାରୁ ରାସ୍ତାର ମରାମତି ହୋଇ ନ ଥିବାରୁ ବର୍ତ୍ତମାନ ମରଣଯନ୍ତା ପାଲଟିଛି। ରାସ୍ତାରୁ ପିଚୁ ଉଠି ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାରେ ଥିବା ଏକାଧିକ କଲଭର୍ଟ ଦେଖରେଖ ଅଭାବରୁ ଦବିଯାଇଛି। ଏଥିଯୋଗୁ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟି ଧନ ଜୀବନହାନି ହେଉଛି। ରାସ୍ତା ମରାମତି ନେଇ ପ୍ରଶାସନକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମରାମତି ହୋଇ ନ ଥିବା ଗୋଲୁର, ମାଲିପୁଟ, ଡୁମୁରିଗୁଡ଼ା ଓ ବିଲାପୁଟ ଗ୍ରାମବାସୀ, ପଞ୍ଚାୟତ ସମିତି ବିରଞ୍ଚି ମାଟାମ୍, ବୁଦ୍ଧିଜୀବୀ ଶ୍ରୀଧର ପାଙ୍ଗୀ, ଦାସରାମ ଖରା, ଆନନ୍ଦ ଖିଲ, ଜୟରାମ ଖରା ପ୍ରମୁଖ ଅଭିଯୋଗ କରିଛନ୍ତି। ଜିଲା, ବ୍ଲକ ପ୍ରଶାସନ ଓ ସୁନାବେଡ଼ା ଆର୍‌ଡି ଡିଭିଜନ କର୍ତ୍ତୃପକ୍ଷ ରାସ୍ତାର ଦୁରବସ୍ଥା ତଦାରଖ କରି ଆବଶ୍ୟକ ମରାମତି କରିବାକୁ ଅନୁରୋଧ କରିଛନ୍ତି।



ଶୋଚନୀୟ ହୋଇପଡିଥିବା ରାସ୍ତା ।

# ଛାତ୍ରୀଛାତ୍ରଙ୍କ ପାଇଁ ଅସୁରକ୍ଷିତ ରେଙ୍ଗା ଆଶ୍ରମ ସ୍କୁଲ

ସୁନାବେଡା/ସେମିଳିଗୁଡ଼ା,୧୨ା୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)





ରେଙ୍ଗା ଆଶ୍ରମ ବିଦ୍ୟାଳୟ।

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ଅଧୀନ ରେଙ୍ଗା ଆବାସିକ ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଅସୁରକ୍ଷିତ ବୋଲି ଅଭିଯୋଗ ହୋଇଛି। ଦୁଇଦିନ ତଳେ ବିଦ୍ୟାଳୟର ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ପରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନେଇ ଅଭିଭାବକ ମହଲରେ ପ୍ରଶ୍ନ ଉଠିଛି। ଆଶ୍ରମ ବିଦ୍ୟାଳୟରେ ପିଲାଙ୍କ ପାଠପଢ଼ାଠାରୁ ଆରମ୍ଭ କରି ରହିବା, ଖାଇବା ଆଦି ସମସ୍ତ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ସେମାନଙ୍କ ସୁରକ୍ଷାକୁ ମଙ୍ଗଳ ବିଭାଗ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟର ମୁଖ୍ୟ ଫାଟକ ଆକର୍ଷଣୀୟ ରହିଥିବା ବେଳେ ପାଚେରୀ ଭାଙ୍ଗି ମାଟିରେ ଲୋଟିପଡ଼ିଛି। ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ପ୍ରାୟ ୩୮୪ ଛାତ୍ରୀଛାତ୍ର ଏଠାରେ ରହି ପାଠ ପଢୁଥିବା ଜଣାପଡିଛି। ସ୍କୁଲ ପାଚେରୀ ଭାଙ୍ଗି ଯାଇଥିବାରୁ ମୁଖ୍ୟ ଗେଟ ତାଲା ପଡୁଥିଲେ ବି ପିଲାମାନେ ଅନାୟାସରେ ଯିବାଆସିବା କରିପାରୁଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ପିଲାଙ୍କ ସୁରକ୍ଷା

## ଭଙ୍ଗା ପାଚେରିର ହେଉନି ମରାମତି

ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଛାତ୍ରଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନାଜଳ୍ପନା ଲାଗି ରହିଥିବା ବେଳେ ଭଙ୍ଗା ପାଚେରୀ ସନ୍ଦେହ ସୃଷ୍ଟି କରୁଛି। ଜିଲା ମଙ୍ଗଳ ବିଭାଗ ତଥା ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଅଭିଭାବକ ଦାବି କରିଛନ୍ତି। ଏ ସମ୍ପର୍କରେ ସେମିଳିଗୁଡ଼ା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ(ଡବ୍ଲ୍ୟୁଇଓ) ହର ପ୍ରସାଦ ଦାସଙ୍କୁ ପଚାରିବାରୁ ପାଚେରୀ ଭାଙ୍ଗିଥିବା ତାଙ୍କ ନଜରରେ ରହିଛି। କାମ କରିବା ପାଇଁ ଆଇଟିଡିଏକୁ ଅବଗତ କରାଯାଇଛି। ଏହା ବ୍ୟତୀତ ସ୍କୁଲର ଫଣ୍ଡ ରହିଛି, ସ୍କୁଲ କର୍ତ୍ତୃପକ୍ଷ ଚାହିଁଲେ ସେହି କାମ କରିପାରିବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନୂଆପୁଟ, ଡାବାଗୁଡା ଜଙ୍ଗଲରେ ନିଆଁ



ନନ୍ଦପୁର,୧୨।୩(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ କସନ୍ଦୀ ପଞ୍ଚାୟତ ନୂଆଗୁଡ଼ା, ଡାବାଗୁଡ଼ା ଜଙ୍ଗଲରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିବା ବନପାଳ ଗୋପୀନାଥ ପାଙ୍ଗୀ ସୂଚନା ଦେଇଛନ୍ତି। ନନ୍ଦପୁରର ରାଣୀଡୁଡୁମା ପର୍ଯ୍ୟଟନସ୍ଥଳ, ଖିଲୁଆ ମାଳିମୁଣ୍ଡାର ଜଳପ୍ରପାତରେ ମଧ୍ୟ ସମାନ ଢଙ୍ଗରେ କେହି ନିଆଁ ଲଗାଇ ଚାଲିଯାଉଥିବା ବନବିଭାଗ ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ଆମୋଦ ପ୍ରମୋଦ କରିବା ଉଦ୍ଦେଶ୍ୟରେ ପର୍ଯ୍ୟଟନସ୍ଥଳୀ ବୁଲି ଆସୁଥିବା ପର୍ଯ୍ୟଟକ ଓ ଜଙ୍ଗଲ ପାର୍ଶ୍ୱ ଗ୍ରାମବାସୀ ଜଙ୍ଗଲରେ ନିଆଁ ଲଗାଉଥିବାରୁ ଏଥିରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଇଛି। ଜଙ୍ଗଲରେ ନିଆଁ ଲଗାଇବା ଆଇନ ବିରୋଧୀ। ସ୍ଥାନୀୟ ବାସିନ୍ଦା ଓ ଯୁବଗୋଷ୍ଠୀ ଜଙ୍ଗଲରେ ନିଆଁ ଲଗାଉଥିବା ଅସାମାଜିକ ବ୍ୟକ୍ତିଙ୍କ ପ୍ରତି କଡ଼ା ନଜର ରଖି ଜଙ୍ଗଲରେ ନିଆଁ ଲାଗିବା ଦେଖିବା ପରେ ବନ ବିଭାଗକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି।

### ୫୭ କେଜି ଗଞ୍ଜେଇ ସହ କାର୍ ଜବତ; ୪ ଗିରଫ

ଗୋପାଳପୁର,୧୨।୩(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ୧୬ ନଂ. ଜାତୀୟ ରାଜପଥ ଗୋପାଳପୁର ଥାନା ଅଧିନସ୍ଥ ଟାଟା ସୋରୁମ ନିକଟରେ ବୁଧବାର ରାତିରେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା। ସେଠାରେ ପହଞ୍ଚି ଏକ କାରରୁ ୫୭ କିଲୋ ଗଞ୍ଜେଇ ଜବତ କରିବା ସହ ୪ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ହାଇଦ୍ରାବାଦର ଏ.ତିରୁପତି ନାୟକ(୨୯), ଗଜପତି ଜିଲା ମୋହନାର ଅଜିତ ଲିମା (୪୬), ମହାରାଷ୍ଟ୍ରର ଗୋବିନ୍ଦ ଭିକୁ ପାଟିଲ (୪୨) ଓ ସଚିନ ସୁଭାଷ ବାଗଲ(୪୨)। ସୂଚନାନୁଯାୟୀ, ବୁଧବାର ବିଳମ୍ବିତ ରାତି ଏହି ଥାନା ଅଧିନସ୍ଥ ଜାତୀୟ ରାଜପଥରେ ଗୋପାଳପୁର ପୋଲିସ ଟାଟା ସୋରୁମ ନିକଟରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଏକ କାରରେ ଗଞ୍ଜେଇ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୋପାଳପୁର ଥାନାଧିକାରୀ ସତ୍ୟ ରଞ୍ଜନ ଲେଙ୍କାଙ୍କ ନିର୍ଦ୍ଦେଶ କ୍ରମେ ଏକ ପୋଲିସ ଟିମ ଛତ୍ରପୁର ପଟୁ ଏକ କାର ଆନ୍ଧ୍ର ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଦେଖି ପୋଲିସ କାରଟିକୁ ଅଟକାଇ ଯାଞ୍ଚ କରିଥିଲା। ଡ଼ିକି ଭିତରେ ୩ଟି ଅଖାରେ ଗଞ୍ଜେଇ ରଖିବା ସହ ୪ ଜଣଙ୍କୁ ଥାନାକୁ ଆଣିଥିଲା। ପୋଲିସ ତଦନ୍ତରୁ ଗଞ୍ଜାମରୁ ମହାରାଷ୍ଟ୍ର ଯାଉଥିବା ଜାଣିବାକୁ ପାଇଥିଲା। ଗୁରୁବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୫୭ କିଲୋ ଗଞ୍ଜେଇ, ବ୍ୟବହୃତ କାର, ୫ଟି ମୋବାଇଲ ଫୋନ ଓ ନଗଦ ୨୫ଶହ ଟଙ୍କା ଜବତ କରିଥିଲା। ଗୋପାଳପୁର ଥାନା କେଶ୍ ନଂ, ୧୪୪/୨୬ରେ ମାମଲା ରୁଜୁ କରିବା ସହ ସନ୍ଧ୍ୟାରେ ୪ ଜଣଙ୍କୁ କୋର୍ଟଚାଲାଣ କରିଥିଲା।

# ୭ ମାସ ହେବ ଦରମା ପାଉନାହାନ୍ତି ୧୧୭ ଅତିଥି ଅଧ୍ୟାପକ

### ରହିବା, ଖାଇବା ଓ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ହେଉଛି କଷ୍ଟକର

ନବରଙ୍ଗପୁର,୧୨।୩
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ୧୫ ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କରାଗଲା। ଏକାଦଶ ପାଠ୍ୟକ୍ରମ ପାଇଁ ଛାତ୍ରୀଛାତ୍ର ନାମ ଲେଖାଇଲେ। ପାଠପଢ଼ାରେ ଯେପରି ସମସ୍ୟା ନ ହେବ ସେଥିପାଇଁ ସରକାର ୧୧୭ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି କଲେ। ତେବେ ନିଯୁକ୍ତି ପରଠାରୁ ସେମାନଙ୍କୁ ଦରମା ମିଳିଲା ନାହିଁ। ଏବେ ଆର୍ଥିକ ଦୁର୍ଦ୍ଦଶାରେ ଅତିଥି ଅଧ୍ୟାପକ ଗତି କରୁଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଦରମା ପାଇଁ ବାରମ୍ବାର ଗୁହାରି କରୁଛନ୍ତି।

ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ନିର୍ବିଘ୍ନ ରଖିବା ଉଦ୍ଦେଶ୍ୟରେ ନବରଙ୍ଗପୁର ଜିଲାରେ ୧୧୭ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି କରାଗଲା। ଗୋଟିଏ କ୍ଲାସ୍ ପିଛା ୪ ଶହ ଟଙ୍କା ପାଇବା ପାଇଁ ଚୁକ୍ତି ରହିଥିଲା। ହାରାହାରି ମାସକ ୨୦ ହଜାର ଟଙ୍କା ସେମାନେ ଦରମା ପାଇବେ। ତେବେ ନିଯୁକ୍ତିକୁ ୭ମାସ ବିତିଥିବା ସତ୍ତ୍ୱେ ସେମାନେ ଦରମା ପାଇନାହାନ୍ତି। ଜିଲାରେ କଳା ବିଭାଗରେ ୯୨ ଓ ବିଜ୍ଞାନ ବିଭାଗରେ ୨୫ ଜଣଙ୍କୁ ନିୟୋଜିତ କରାଯାଇଛି। ଏବେ ବାର୍ଷିକ ପରୀକ୍ଷା ସରିଲେ ଆଉ ଏକ ଶିକ୍ଷା ବର୍ଷ ଆରମ୍ଭ ହେବ। ଗତ ଶିକ୍ଷା ବର୍ଷରେ ଚୁକ୍ତି କରିଥିବା ଅତିଥି ଅଧ୍ୟାପକଙ୍କ ଚୁକ୍ତି ମଧ୍ୟ ସମାପ୍ତ ହୋଇଯିବ। ତଥାପି ନିଜର ପାରିଶ୍ରମିକ ପ୍ରାପ୍ୟ ମିଳୁ ନ ଥିବାରୁ ସେମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ସରକାର ନିଯୁକ୍ତି ଦେଲେ କିନ୍ତୁ ଏଯାଏ ଅର୍ଥ ବିଭାଗ ନିକଟରେ ଫାଇଲ ଅଟକି ରହିଛି। ଶିକ୍ଷା ବର୍ଷ ସରିବାକୁ ବସିଥିବାବେଳେ ଏଯାଏ ଦରମା ମିଳୁ ନ ଥିବା ଅତିଥି ଅଧ୍ୟାପକମାନେ ଦୁଃଖର ସହ କହିଛନ୍ତି। ବହୁ ଶିକ୍ଷକ ନିଜ ଜିଲା ଛାଡ଼ି ଦୂରଦୂରାନ୍ତରୁ ଅନ୍ୟ ଜିଲାକୁ ଆସି ପଢ଼ାଉଛନ୍ତି। ଉଚ୍ଚ ଶିକ୍ଷା ଥିବା ସତ୍ତ୍ୱେ ନିଯୁକ୍ତିର ଅଭାବ ଯୋଗୁ ସ୍ୱଳ୍ପ ଦରମାରେ ଏହି ଚାକିରି କରିବାକୁ ବାଧ୍ୟ ହେଉଛନ୍ତି। କିନ୍ତୁ ଜଏନ୍ କରିବା ପରେ ଦରମା ମିଳୁ ନ ଥିବାରୁ ରହିବା, ଖାଇବା ଓ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇପଡୁଛି ବୋଲି ସେମାନେ କହିଛନ୍ତି। କେତେଜଣ ଅତିଥି ଅଧ୍ୟାପକ ଋଣକରି କିମ୍ବା ଅନ୍ୟ ସହାୟତାରେ ରହୁଥିବା କହିଛନ୍ତି। ଏହି ପରିସ୍ଥିତି ସେମାନଙ୍କ ମନୋବଳ ଭାଙ୍ଗିବା ସହ ଶିକ୍ଷା ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରୁଛି। ଶିକ୍ଷକ ଯଦି ନିଜ ଆର୍ଥିକ ସମସ୍ୟାରେ ପୀଡ଼ିତ ରହିବେ, ତେବେ ସେମାନେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଦେବାରେ ନିଶ୍ଚୟ ଅସୁବିଧା ହେବ ବୋଲି ବୁଦ୍ଧିଜୀବୀ କହିଛନ୍ତି। ସରକାର ଓ ସମ୍ପୃକ୍ତ ବିଭାଗ ଏହି ସମସ୍ୟାକୁ ଗମ୍ଭୀରତାର ସହିତ ନେଇ ଶୀଘ୍ର ଦରମା ପ୍ରଦାନ କରିବା ଆବଶ୍ୟକ। ଯେଉଁମାନେ ଶିକ୍ଷା ପ୍ରଦାନ କରି ଭବିଷ୍ୟତ ପିଢ଼ି ଗଢ଼ୁଛନ୍ତି, ସେମାନଙ୍କ ଅଧିକାର ଓ ସମ୍ମାନ ରକ୍ଷା କରିବା ସରକାରଙ୍କ ଦାୟିତ୍ୱ। ସମୟ ମଧ୍ୟରେ ଦରମା ମିଳିଲେ ସେମାନେ ନିଜ କର୍ତ୍ତବ୍ୟ ପାଳନ କରିପାରିବେ ଓ ଶିକ୍ଷା ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ଅତିଶୀଘ୍ର ଦରମା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ୩୩ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ



ତହସିଲଦାର ବସୁନ୍ଧରା ଯୋଜନା ହିତାଧିକାରୀଙ୍କୁ ପଟ୍ଟା ଦେଉଛନ୍ତି।

ଝରିଗାଁ,୧୨।୩(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍‌ର ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ଗୁରୁବାର ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ କରାଯାଇଛି। ତହସିଲଦାର ସୁମନ୍ତ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଅହଲ୍ୟା ମୁଦୁଲି , ରାଜସ୍ୱ ପରିଦର୍ଶକ କାର୍ତ୍ତିକ ଭତରା, ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ବିଷୋୟୀ, ରାଜସ୍ୱ ସହାୟକ ଅମିତ ନାୟକ ପ୍ରମୁଖ ଏହି ଅବସରରେ ୩୩ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଛନ୍ତି। ପ୍ରତ୍ୟେକଙ୍କୁ ୪ ଡିସିମିଲ ଲେଖାଏ ପଟ୍ଟା ଯୋଗାଇ ଦିଆଯାଇଛି । ଜମିହୀନ ଓ ଆର୍ଥିକ ଭାବେ ପଛୁଆବର୍ଗର ପରିବାରମାନଙ୍କୁ ଜମିର ଅଧିକାର ପ୍ରଦାନକରି ସେମାନଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ବୋଲି ତହସିଲଦାର ପ୍ରକାଶ କହିଛନ୍ତି। ଏହି ଯୋଜନାରେ ଜମିହୀନ ପରିବାରମାନେ ପଟ୍ଟା ପାଇ ଜୀବନ ଜୀବିକାକୁ ଆହୁରି ସୁଦୃଢ଼ କରିପାରିବେ ବୋଲି ଅତିଥିମାନେ କହିଥିଲେ। ପଟ୍ଟା ପାଇଥିବା ହିତାଧିକାରୀମାନେ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତକରି ଖୁସି ପ୍ରକାଶ କରିଥିଲେ।

# ମିଲେଟ୍ ମିଶନ ଟିଫିନ୍ ସେଣ୍ଟର ଉଦ୍‌ଘାଟିତ



ଟିଫିନ ଷ୍ଟଲ ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

ଡାବୁଗାଁ, ୧୨।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ମେଦନା ଯିବା ରାସ୍ତା ପାର୍ଶ୍ୱରେ ମସ୍‌ଜିଦ୍ ନିକଟରେ ଥିବା ଷ୍ଟଲ୍‌ରେ ମିଲେଟ୍ ମିଶନ ଟିଫିନ୍ ସେଣ୍ଟର ଗୁରୁବାର ଉଦ୍‌ଘାଟିତ ହୋଇଯାଛି। ଡାବୁଗାଁ ବୈଷ୍ଣବୀ ଏସ୍‌ଏଚ୍‌ଜି ପକ୍ଷରୁ ଉକ୍ତ ଷ୍ଟଲ୍ ଭଡ଼ାରେ ନିଆଯାଇ ମିଲେଟ୍ ମିଶନ ଟିଫିନ୍ ସେଣ୍ଟର ଖୋଲାଯାଇଛି। ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଷ୍ଟଲ ଉଦ୍‌ଘାଟନ କରିଥିଲେ। ଉକ୍ତ ଷ୍ଟଲ୍ ଉଦ୍‌ଘାଟନୀ ସମୟରେ ସହକାରୀ କୃଷି ଅଧିକାରୀ ଜ୍ୟୋତିର୍ମୟୀ ଡାଡ଼ିଙ୍ଗୀ, ଓଏଲ୍‌ଏମ୍‌ବିପିଏମ୍ ଦୀପ୍ତି କିଶୋର ନାୟକ, ୱାଇ ପି. ରାହୁଲ କୁମାର, ଡେମୋକ୍ରାଟିକ୍ ଆକ୍ସନ ଏନ୍‌ଜିଓ ଡାବୁଗାଁ ବ୍ଲକ ସଂଯୋଜକ ନବୀନ ମହୁରିଆ ଓ ଏବିପିସି ସସ୍ମିତା ବଳବନ୍ତରାୟ, ଡାବୁଗାଁ ପୂର୍ବତନ ସରପଞ୍ଚ ପି. ସୁବୁଦ୍ଧି ରାଓ, ଏସ୍‌ଏଚ୍‌ଜି ସଭାପତି ମଧୁସ୍ମିତା ବିଶୋୟୀ, ସମ୍ପାଦିକା ଜୟାମଣି ବିଷୋୟୀ ଉପସ୍ଥିତ ଥିଲେ। ଡାବୁଗାଁ ବ୍ଲକରେ ମିଲେଟ (ମାଣ୍ଡିଆ)ରେ ତିଆରି ବିଭିନ୍ନ ପ୍ରକାର ସୁଆଦିଆ ଟିଫିନ୍, ସ୍ୱାସ୍ଥ୍ୟକର ଖାଦ୍ୟ ମିଳିବା ନେଇ ଜନସାଧାରଣ କହିଛନ୍ତି। ପ୍ରଥମ ଦିନରେ ମହିଳାମାନେ ପୁରି, ବରା, ତରକାରି, ଇଡ୍‌ଲି,ପିଠା, କାକରା, ଲଡ୍ଡୁ ଆଦି ପ୍ରସ୍ତୁତ କରାଯାଇ ଅତିଥିମାନଙ୍କୁ ପରିବେଷଣ କରାଯାଇଥିଲା।

### ମ୍ୟୁଲ୍ ଆକାଉଣ୍ଟରେ ଟଙ୍କା କାରବାର, ୪ ଗିରଫ

ଛତ୍ରପୁର/ଆସିକା,୧୨।୩
(ଦିଲୀପ ସାମଲ/ସୁରେନ୍ଦ୍ର ନାଥ ସାହୁ)

ବେଆଇନ ଭାବେ ଟଙ୍କା କରବାର ଅଭିଯୋଗରେ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ୪ ଜଣଙ୍କୁ ଗିରଫ କରିଛି। ବ୍ୟାଙ୍କରେ ମ୍ୟୁଲ୍ ଆକାଉଣ୍ଟ ଖୋଲି ଟଙ୍କା ନେଣଦେଣ କରିଥିବା ଛତ୍ରପୁର ଥାନା ଅଧିନ ଶାନ୍ତିନଗରର ଶିବରାମ ସାହୁ(୨୮)ଙ୍କୁ ଗଞ୍ଜାମ ସାଇବର ଥାନା ପୋଲିସ ଗିରଫ କରିଛି । ତାଙ୍କ ନାମରେ ଅଭିଯୋଗ ପରେ ସାଇବର ଥାନା ନଂ.୧/୨୬ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଶିବରାମ ଖୋଲିଥିବା ବେନାମୀ ବ୍ୟାଙ୍କ ଖାତାରେ ୩୦ ଲକ୍ଷ ୯୪ ହଜାର ୪୦୭ ଟଙ୍କା କାରବାର କରାଯାଇଥିବା ଗଞ୍ଜାମ ସାଇବର ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ବେହେରା ସୂଚନା ଦେଇଛନ୍ତି । ସେହିପରି ପୋଲିସ ଜିଲାରେ ଜାରି ରହିଥିବା ଅପରେଶନ ‘କବଚ’ରେ ଛତ୍ରପୁର ପୋଲିସ ସାଇବର ଅପରାଧର ମାଷ୍ଟରମାଇଣ୍ଡ ଛତ୍ରପୁରର ଶୁଭମ ଚୌଧୁରୀଙ୍କୁ ଗିରଫ କରିଛି। ସେ ଦୀର୍ଘଦିନ ହେଲା ଫେରାର ଥିଲେ ବୋଲି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି । ସେହିପରି ଆସିକା ପୋଲିସ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗାଙ୍ଗପୁର ଥାନା ଅଞ୍ଚଳର ଯୋଗେନ୍ଦ୍ର ବେହେରା ଓ ବେଲଗୁଣ୍ଠା ଅଞ୍ଚଳର ମନୋଜ କୁମାର ବେହେରା । ଅଭିଯୁକ୍ତଦ୍ୱୟ ୧ବର୍ଷ ମଧ୍ୟରେ ବେନାମୀ ବ୍ୟାଙ୍କ ଖାତା ଖୋଲି ୧୮ ଲକ୍ଷ ଟଙ୍କା କାରବାର କରିଥିବା ଆସିକା ଥାନା ଅଧିକାରୀ ସୁଧିର ସାହୁ ସୂଚନା ଦେଇଛନ୍ତି ।

### ୨ ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ଜଣେ ଗିରଫ



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛି।

ପାପଡ଼ାହାଣ୍ଡି, ୧୨।୩ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପୋଲିସ ପାଟ୍ରୋଲିଂ କରିବା ସମୟରେ ୨ଟି ଗୋରୁଚାଲାଣ ପିକଅପ୍ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ନେଇ ରାତି ୮ଟା ୩୦ରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତ ହେଲେ ଡାବୁଗାଁ ବ୍ଲକ ଜୁନାପାଣି ଗ୍ରାମର ଦେବାନନ୍ଦ ନାୟକ। ଏଥିସହ ଗୋରୁ ବୋଝେଇ ପିକ୍‌ଅପ୍ ଜବତ କରାଯାଇଥିବା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନାନୁଯାୟୀ, ମଡ଼କର ସନ୍ଦୀପ ସମ୍ପଦଙ୍କ ନିର୍ଦ୍ଦେଶକ୍ରମେ ପାପଡ଼ାହାଣ୍ଡି ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଚେରଚେଟା ପଞ୍ଚାୟତ ବରଦେଇ ନିକଟରେ ଦୁଇଟି ପିକ୍‌ଅପ (ଓଆର୍-୦୪ଏଲ୍-୨୫୧୬) ଓ (ଏପି-୩୯ୟୁଟି-୨୭୪୨) ରେ ଗୋରୁଚାଲାଣ ହେଉଥିଲା। ପାପଡ଼ାହାଣ୍ଡି ପୋଲିସ ଉକ୍ତ ପିକ୍‌ଅପ୍ ୨ଟିକୁ ଅଟକ ରଖିଥିଲା। ଏଥିରେ ଥିବା ୧୩ ଗୋରୁ ଉଦ୍ଧାର କରାଯାଇଛି। ଏନେଇ ପାପଡ଼ାହାଣ୍ଡି ପୋଲିସ ଥାନା କେସ୍ ନଂ.୪୫/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକେଲ, ପାପଡ଼ାହାଣ୍ଡି ଆଇଆଇସି ଉପେନ୍ଦ୍ର ଚନ୍ଦ୍ର ନାୟକ, ମଇଦଳପୁର ଆଇଆଇସି ଯୁଗଳ ଶବର ଉପସ୍ଥିତ ଥିଲେ।

# ୨ ଦିନ ଧରି ହେଉନି ଗ୍ୟାସ୍ ବୁକିଂ

ଉମରକୋଟ, ୧୨।୩ (ସନ୍ତୋଷ ଶତପଥୀ)

ମଧ୍ୟପ୍ରାଚ୍ୟରେ ଇରାନ୍ ସହ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଚାଲିଥିବାବେଳେ ଏହାର ପ୍ରଭାବ ଭାରତର ରୋଷେଇଘରେ ପଡ଼ିଛି। ରନ୍ଧନ ଗ୍ୟାସ୍ ଅଭାବ ଦେଖାଦେଲାଣି। ନବରଙ୍ଗପୁର ଜିଲା ଉମରକୋଟରେ ୨ ଦିନ ହେଲା ଗ୍ରାହକମାନେ ୮୪୫୪୯୫୫୫୫୫ରେ ଗ୍ୟାସ୍ ବୁକିଂ କରିପାରୁନାହାନ୍ତି। ଏହି ନମ୍ବରରେ କଲ୍ କଲେ କେତେବେଳେ ସାଇଲେଣ୍ଟ ହୋଇଯାଉଛି ତ ଆଉ କେତେବେଳେ ଏହି ନମ୍ବର ବ୍ୟବହାରରେ ନ ଥିବା କହୁଛି। ଫଳରେ ଲୋକେ ଗ୍ୟାସ୍ ବୁକିଂ କରିପାରୁନାହାନ୍ତି। ତେଣୁ ଗ୍ୟାସ୍ ମିଳିବ କି ନାହିଁ ତାହାକୁ ନେଇ ଲୋକେ ଆଶଙ୍କାରେ ଅଛନ୍ତି। ଗ୍ୟାସ୍ ବୁକିଂ ନ ହୋଇପାରିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତକରୁଛନ୍ତି। ଗ୍ୟାସ୍ ବୁକିଂକରିବା ପରେ ଗୋଟିଏ ଡିଏସି ନମ୍ବର ଆସିଥାଏ। ଏହି ନମ୍ବର ଗ୍ୟାସ୍ ବିତରକଙ୍କୁ ଦେଲେ ହିଁ ସିଲିଣ୍ଡର ଡେଲିଭରି ହୋଇଥାଏ। ବର୍ତ୍ତମାନ ଗ୍ରାହକଙ୍କ ପାଖକୁ ଏହି ଡିଏସି ନମ୍ବର ଆସୁ ନ ଥିବା ଅଭିଯୋଗ ହୋଇଛି।

ଉମରକୋଟ ସହରର ଶତାଧିକ ଲୋକେ ୨ ଦିନ ହେଲା ରୋଷେଇ ଗ୍ୟାସ୍ ବୁକ୍‌କରି ପାରୁନାହାନ୍ତି। ଅନ୍ୟପଟେ ଉମରକୋଟକୁ ବର୍ତ୍ତମାନ ପ୍ରତିଦିନ ଗୋଟିଏ ଟ୍ରକ୍ ଗ୍ୟାସ୍ ଆସୁଥିଲେ ମଧ୍ୟ ତାହା ସଙ୍ଗେ ସଙ୍ଗେ ସରିଯାଉଛି। ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ବନ୍ଦ ନ ହେବା ଯାଏ ଆଗକୁ ଗ୍ୟାସ୍ ମିଳିବ କି ନାହିଁ ଭାବି ଆଶଙ୍କାରେ ଥିବା ଲୋକେ ଆତଙ୍କିତ ହୋଇ ଗ୍ୟାସ୍ ନେବାକୁ ଆସୁଛନ୍ତି ବୋଲି ଗ୍ୟାସ୍ ବିତରକ କହିଛନ୍ତି। ଉମରକୋଟରେ ଗୁରୁବାର ସୁଦ୍ଧା ଗ୍ୟାସ୍‌କୁ ନେଇ କୌଣସି ବଡ଼ ସମସ୍ୟା ହୋଇନାହିଁ। ଘରୋଇ ଗ୍ୟାସ୍ କୌଣସି ହୋଟେଲ ବା ବ୍ୟବସାୟିକ ଅନୁଷ୍ଠାନକୁ ଦିଆଯାଉ ନାହିଁ। ଆଗାମୀ ଦିନରେ ଗ୍ୟାସ୍ ଆସିଲେ ରନ୍ଧନ ଗ୍ୟାସ୍‌କୁ ନେଇ କୌଣସି ସଙ୍କଟ ନାହିଁ ବୋଲି କହିଛନ୍ତି। ତେବେ ଗ୍ୟାସ୍ କମ୍ପାନୀଗୁଡ଼ିକ ଉମରକୋଟ ସହରକୁ ଅଧିକ ପରିଣାମରେ ଗ୍ୟାସ୍ ଯୋଗାଇବା ସହ ଗ୍ୟାସ୍ ବୁକିଁ ନମ୍ବରକୁ କାର୍ଯ୍ୟକାରୀ କରନ୍ତୁ ବୋଲି ଗ୍ରାହକମାନେ ଦାବି କରୁଛନ୍ତି। ବୁକିଂ ହେଉ ନ ଥିବା ଘଟଣାକୁ ନେଇ ଜୟପୁରରେ ରହୁଥିବା କମ୍ପାନୀର ସହକାରୀ ସେଲ୍‌ସ ମ୍ୟାନେଜର ରାଜେନ୍ଦ୍ର ରାଉଳଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ବୁକିଂ ଅଧିକ ପରିମାଣରେ ହେଉଛି। ତେଣୁ ସମସ୍ୟା ଦେଖାଯାଉଛି। ବିତରକ ଖାତା ଦେଇ ମାନୁଆଲଭାବେ ଗ୍ୟାସ୍ ବୁକ୍ କରିପାରିବେ ବୋଲି ସେ କହିଛନ୍ତି।

### ବ୍ୟାଙ୍କ କର୍ମଚାରୀଙ୍କ ମୃତଦେହ ଜବତ

ଦିଗପହଣ୍ଡି,୧୨।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ଏସ୍‌ବିଆଇ ଶାଖା ବରିଷ୍ଠ କିରାଣି ଥିବା ମୟୂରଭଞ୍ଜ ଜିଲା ବାରିପଦା ସହରର ଗୌରବ ମାରାଣ୍ଡି (୩୪)ଙ୍କ ମୃତଦେହ ବୁଧବାର ଅପରାହ୍ନରେ ପୋଲିସ ଜବତ କରିଛି। ସେ ଦିଗପହଣ୍ଡି ପୁଞ୍ଜିକଂୟା ଛକ ମେନରୋଡ୍‌ରେ ରହୁଥିବା ବ୍ୟାଙ୍କ ସିକ୍ୟୁରିଟି ଗାର୍ଡ ବାଳକୃଷ୍ଣ ଦୋରାଙ୍କ ଘରେ ଭଡ଼ା ରହୁଥିଲେ। ଗୌରବଙ୍କୁ ମସ୍ତିଷ୍କ ଜ୍ୱର ଥିବାରୁ ସେ ସୋମବାରଠାରୁ ଛୁଟିରେ ରହି ଘରେ ଚିକିତ୍ସିତ ହେଉଥିଲେ। ଏହା ଭିତରେ ତାଙ୍କର ମୃତ୍ୟୁ ହୋଇଥିଲା।

### ମା’ ରତନେଇ ପୀଠର ବିକାଶ ଦାବି

ବୁଗୁଡ଼ା,୧୩।୩(କାଳି ଚରଣ ଦାଶ)

ଗଞ୍ଜାମ ଜିଲା କୁଆନଳା ଗ୍ରାମ ନିକଟ ଜଙ୍ଗଲରେ ମା’ ରତନେଇଙ୍କ ପୀଠ ରହିଛି। ଏହାର ବିକାଶ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପଟେ ବନଦେବୀ ସିଂହ ବାହିନୀ ବାଉଁଶ, ଶାଳ ପିଆଶାଳ, ଶାହାଡ଼ା ଗଛ ମୂଳରେ ରହିଛନ୍ତି। ମାଘ ପୂର୍ଣ୍ଣିମା ଅବସରରେ ବିଭିନ୍ନ ଯଜ୍ଞ ଓ ସଙ୍କୀର୍ତ୍ତନ ହୁଏ। ଯଜ୍ଞ ସ୍ଥଳକୁ ଶହଶହ ଭକ୍ତ ଯାଇ ମା’ଙ୍କ ପୂଜାର୍ଚ୍ଚନା ପରେ ପ୍ରସାଦ ସେବନ କରିବା ସହ ଉତ୍ସାହିତ ହୋଇ ଅର୍ଥ ଦାନ କରିଥିଲେ। ପ୍ରତ୍ୟୋକ ସଂକ୍ରାନ୍ତିରେ ସ୍ଥାନୀୟ ଲୋକମାନେ ସହଯୋଗ କରି ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରନ୍ତି। ସେଠାକୁ ରାସ୍ତା ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା ଦାବି ହୋଇଛି । ଏହି ପୀଠର ଉନ୍ନତି ହେଲେ ତାହା ଏକ ବଣଭୋଜି ସ୍ଥାନ ହୋଇପାରିବ।

# ମିନାରେ-୨୬ରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ୨ ଛାତ୍ରଙ୍କ ସଫଳତା

ସୁନାବେଡା,୧୨।୩(କୃତିବାସ ପ୍ରଧାନ)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ(ନିଟ୍) ପକ୍ଷରୁ ଆୟୋଜିତ ବାର୍ଷିକ ଭୂ-ବୈଷୟିକ ମହୋତ୍ସବ ମିନାରେ-୨୦୨୬ରେ ରାୟଗଡ଼ା ଜିଲା ଗୁଣୁପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟର ଛାତ୍ରମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ(ଏଆଇ ଆଣ୍ଡ ଏମ୍‌ଏଲ୍) ବିଭାଗର ଛାତ୍ର ଆର୍ଯ୍ୟନ ପଟ୍ଟନାୟକ ଓ ଆୟୁଷ କୁମାର ବିଶ୍ୱାଳ ଜିଓବୋଟିକ୍ସ(ମାଇନିଂ ରୋବୋଟିକ୍ସ) ଓ ରୋବୋଟିକ୍ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଅର୍ଜନ କରିଛନ୍ତି। ଏଥିସହ ରକ୍ ପେପର ପ୍ୟାପ୍(ଟେକ୍ନିକାଲ୍ ପେପର) ବୈଷୟିକ ପ୍ରବନ୍ଧ ଉପସ୍ଥାପନାରେ ଏହି ଯୋଡ଼ି ଦ୍ୱିତୀୟ ପୁରସ୍କାର ପାଇଛନ୍ତି। ମାର୍ଚ୍ଚ ୭ ଓ ୮ ତାରିଖରେ ଏହି ପ୍ରତିଯୋଗିତା ହୋଇଥିଲା। ଆର୍ଯ୍ୟନ ଓ ଆୟୁଷ କମ୍ପ୍ୟୁଟର ସାଇନ୍ସ ଛାତ୍ର ହେବା ସତ୍ତ୍ୱେ ମାଇନିଂ ଓ ଜିଓ-ସାଇନ୍ସ କ୍ଷେତ୍ରରେ ଆଇଆଇଟି ଓ ଏନଆଇଟି (ନିଟ୍) ଭଳି ଶିକ୍ଷାନୁଷ୍ଠାନର ଛାତ୍ରମାନଙ୍କୁ ଟକ୍କର ଦେଇ ସଫଳତା ହାସଲ କରିଛନ୍ତି। ୨ ଛାତ୍ରଙ୍କୁ ଜିଆଇଇଟି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଅଧ୍ୟାପକ ଓ ସହକର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଆର୍ଯ୍ୟନଙ୍କ ଘର କୋରାପୁଟ ଜିଲା ସେମିଳିଗୁଡ଼ା ନେତାଜୀ ନଗର ହୋଇଥିବା ବେଳେ ଆୟୁଷ ରାୟଗଡା ଜିଲା ଜେକେପୁର ଅଞ୍ଚଳର ବୋଲି ଜଣାପଡ଼ିଛି।




ଅତିଥିମାନେ ୨ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ଗାଁରେ ମଦ ରନ୍ଧା, ବିକ୍ରି ବନ୍ଦ ଦାବି



ଗ୍ରାମବାସୀ ଅବକାରୀ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରୁଛନ୍ତି।

### ଅବକାରୀ ଅଧିକାରୀଙ୍କୁ ଦାବିପତ୍ର ଦେଲେ, ଗାଁ ମହିଳା ସମିତି, ଗ୍ରାମବାସୀ

ପାପଡ଼ାହାଣ୍ଡି,୧୨।୩ (ସ୍ୱପ୍ନଜିତ ପଟ୍ଟନାୟକ)

ମଦ ଯୋଗୁ ଗ୍ରାମରେ ବଢ଼ୁଛି ଅଶାନ୍ତି। ବିଭିନ୍ନ ସମୟରେ ଗଣ୍ଡଗୋଳ ହେବା ସହିତ ଅନେକ ପରିବାର ସର୍ବସ୍ୱାନ୍ତ ହୋଇଯାଉଛି। ଦେଶୀ ଓ ବିଦେଶୀ ମଦ ପିଇ ପିଲାଠୁ ବୁଢ଼ା ସମସ୍ତେ ମାତାଲ ରହୁଛନ୍ତି। ଗ୍ରାମର ପରିବେଶ ଖରାପ ହେବାରେ ଲାଗିଥିବା ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ମୁଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁର ମହିଳା ସମିତି ଓ ଗ୍ରାମବାସୀ ମଦ କାରବାର ବନ୍ଦ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଗୁରୁବାର ଅବକାରୀ ଅଧିକାରୀ ସମୀର ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମରେ ମଦ ରନ୍ଧା ଓ ମଦ ବିକ୍ରି ଉପରେ କଟକଣା ଲଗାଇବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ପୂର୍ବରୁ ପରଜା ସମାଜ ତତ୍ତ୍ୱାବଧାନରେ ଏକ ବୈଠକ କରି ମଦ ରନ୍ଧା ଓ ବିକ୍ରି କଟକଣା ସହ ଗାଁରେ ସଚେତନ କରାଯାଇଥିଲା। କିନ୍ତୁ ଉକ୍ତ ବୈଠକ ନିଷ୍ପତ୍ତି କେହି ମାନୁନାହାନ୍ତି। ଗାଁରେ ଅବାଧରେ ମଦ ବିକ୍ରି ହେଉଥିବାରୁ ଲୋକମାନେ ମଦ୍ୟପାନ କରୁଛନ୍ତି। ନିଶାସକ୍ତ ଅବସ୍ଥାରେ ଥିବା ଲୋକେ ଗାଁରେ ଗଣ୍ଡଗୋଳ କରୁଥିବା ବେଳେ ଏହାକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ଦେଖାଦେଉଛି। ପୁରୁଷମାନେ କାମଧନ୍ଦା ଛାଡ଼ି ମଦ ପିଇବା ସହ ଘରେ ଓ ଗାଁରେ ଝଗଡ଼ା କରୁଛନ୍ତି। ଫଳରେ ଗାଁରେ ଅଶାନ୍ତିକର ପରିବେଶ ସୃଷ୍ଟି ହେଉଛି। ଗାଁରେ କେତେକ ପରିବାର ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏ ଦିଗରେ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

## ସଂକ୍ଷେପରେ

### ସୁନା କିଣିବା ବାହାନାରେ ଚୋରି ୩ ମହିଳାଙ୍କ ସମେତ ୪ ଗିରଫ

ମୋହନା, ୧୨।୩(ମନ୍ମଥ ମିଶ୍ର)

ଦୋକାନକୁ ଗହଣା କିଣିବା ବାହାନାରେ କେତେ ଜଣ ଗ୍ରାହକ ଆସି ସୁନା ଚୋରି କରି ନେଇଥିବା ଅଭିଯୋଗର ତଦନ୍ତ କରି ମୋହନା ପୋଲିସ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ହରିଡ଼ାଖଣ୍ଡି ଅଞ୍ଚଳର ଝୁମୁରି ଦାସ, ବିରାଜିନୀ ଦାସ, ରଘୁପତିନଗରର ସୁଶିଳା ଦାସ ଓ ଫୁଲ ସୁନ୍ଦରୀ ସାହିର ସନ୍ତୋଷ ଦାସ। ପାଣ୍ଡାଛକ ନିକଟରେ ଥିବା ସାଇବା ଜୁଏଲାରୀ ଦୋକାନ ମାଲିକ କୁତବୁଦ୍ଦିନ ମଲିକ (୪୪) ଦୋକାନରୁ ସୁନା ଚୋରି ହୋଇଥିବା ଜାଣିବା ପରେ ମୋହନା ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ମୋହନା ଥାନା ଅଧିକାରୀ ଓମ ନାରାୟଣ ପାତ୍ର ଏହାର ତଦନ୍ତ କରି ୪୮ ଘଣ୍ଟା ଭିତରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ବ୍ରହ୍ମପୁର ଅଞ୍ଚଳରୁ ଗିରଫ କରିଥିଲେ। ଏନେଇ କେସ୍ ନଂ. ୪୫/୨୬ରେ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଚକ୍ରଧର ହାଁସଦା ଏହାର ତଦନ୍ତ ଜାରି ରଖିଛନ୍ତି। ଖବରରୁ ଜଣାପଡିଛି, ସୋମବାର ମଧ୍ୟାହ୍ନ ସାଢ଼େ ଗୋଟାଏରେ ସୁନା ଦୋକାନରେ କୁତବୁଦ୍ଦିନଙ୍କ ସାନପୁଅ ନିଶାରୁଦ୍ଦିନ ମଲିକ ଦୋକାନରେ ବସିଥିବା ବେଳେ କେତେ ଜଣ ମହିଳା ଓ ଜଣେ ଯୁବକ ସୁନା କିଣିବାକୁ ଆସିଥିଲେ। ସେମାନେ ସୁନା କିଣିବା ବାହାନାରେ ସୁନା ଦେଖେଇବାକୁ କହି ୨୬ ଗ୍ରାମ ୩୮୦ ମିଲିଗ୍ରାମର ୧୮ କ୍ୟାରେଟର ସୁନା ହାତ ସଫେଇ କରି ନେଇଯାଇଥିଲେ। ସେମାନେ ଯିବା ପରେ ଦେଖିବା ବେଳକୁ ର୍ୟାକ୍‌ରେ ସୁନା ପ୍ୟାକେଟ ନ ଥିଲା। ଦୋକାନର ସିସି କ୍ୟାମେରାରେ ଏସବୁ ରେକର୍ଡ଼ ହୋଇଥିଲା। ସଙ୍ଗେସଙ୍ଗେ ମାଲିକ କୁତବୁଦ୍ଦିନ ଥାନାରେ ଅଭିଯୋଗ କରିଥିଲେ।

### ପୂର୍ବତନ ସହକାରୀ ଯନ୍ତ୍ରୀଙ୍କ ପରଲୋକ

ଗୁଣପୁର, ୧୨।୩ (ସଂକେତ ପାତ୍ର)



ଗୁଣପୁର ଉଠାଜଳସେଚନ ବିଭାଗ ପୂର୍ବତନ ସହକାରୀ ଯନ୍ତ୍ରୀ ରବି ଶଙ୍କର ପାତ୍ର (୫୯)ଙ୍କ ଗୁରୁବାର ବ୍ରହ୍ମପୁର ଗାନ୍ଧୀ ନଗରସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ଗତ କିଛି ମାସ ହେଲା ସେ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ଗୁରୁବାର ସକାଳେ ହଠାତ ଅସୁସ୍ଥ ଅନୁଭବ କରିବା ପରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସ୍ୱର୍ଗତଃ ପାତ୍ର ପୁରୁଷୋତ୍ତମପୁର ଉଠାଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ରୂପେ କାର୍ଯ୍ୟ କରୁଥିଲେ। ଆସନ୍ତା ଜୁନ୍‌ରେ ସେ ଚାକିରୀ ଜୀବନରୁ ଅବସର ନେଇଥାନ୍ତେ। ନୂଆଦିଲ୍ଲୀରେ ଚାକିରୀ କରୁଥିବା ଏକମାତ୍ର ପୁଅ ଆହନ ଭୁବନେଶ୍ୱରରେ ପହଞ୍ଚିବା ପରେ ସମ୍ପର୍କୀୟଙ୍କ ଉପସ୍ଥିତରେ ଗୁରୁବାର ରାତିରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ଜଣାପଡ଼ିଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କ୍ୟାବିନ୍ ପାଇଁ ଆଦାୟ ହୋଇଥିବା ୯ ଲକ୍ଷ ଟଙ୍କା ହଡ଼ପ

## ଥାନାରେ ଏତଲା ଦେଲେ ଏଡିଏମ୍‌ଓ

ରାୟଗଡ଼ା, ୧୨।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା ସ୍ୱତନ୍ତ୍ର କୋଠରି (କ୍ୟାବିନ) ପାଇଁ ଆଦାୟ ହେଉଥିବା ଦେୟକୁ କେତେଜଣ କର୍ମଚାରୀ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଜରୁରିକାଳୀନ ଚିକିତ୍ସା ପାଇଁ ହୋଇଥିବା ଏହି ବ୍ୟବସ୍ଥାରେ ଅନିୟମିତତାକରି ପ୍ରାୟ ୯ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଜଣାପଡିଛି। ଏ ନେଇ ଏଡିଏମ୍‌ଓ (ମେଡିକାଲ) ଗୁରୁବାର ରାୟଗଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଚିକିତ୍ସା ପାଇଁ ୧୬ଟି ଦେୟଯୁକ୍ତ କ୍ୟାବିନ ରହିଛି। ଏହାର ଦର ଦୈନିକ ୬୦୦ ଟଙ୍କା। ଉକ୍ତ କ୍ୟାବିନ୍ ରୋଗୀ କଲ୍ୟାଣ ସମିତି ଦ୍ୱାରା ପରିଚାଳିତ କରାଯାଇଥାଏ। ପ୍ରାୟ ୧ ବର୍ଷ ହେଲା କାର୍ଯ୍ୟ କରୁଥିବା କ୍ୟାବିନ୍ ଇନ୍‌ଚାର୍ଜ ଦାୟିତ୍ୱରେ ଥିବା ଆଉଟ୍‌ସୋର୍ସିଂ କର୍ମଚାରୀ ଟୁନା ପାତ୍ରିକା କ୍ୟାବିନ ବୁକିଂ ବାବଦରେ ରୋଗୀଙ୍କଠାରୁ ଟଙ୍କା ଆଦାୟ କରିଥିଲେ ମଧ୍ୟ ଏହି ଟଙ୍କାକୁ ଆକାଉଣ୍ଟାଣ୍ଟଙ୍କ ପାଖରେ ଡିପୋଜିଟ କରୁ ନ ଥିଲେ। ଟଙ୍କା ଡିପୋଜିଟ ହେଉ ନ ଥିବା ଏବଂ ଅନିୟମିତତା ନେଇ ଅଭିଯୋଗ ଆସିଲା ପରେ ଏକ କମିଟି ଗଠନ କରାଯାଇଥିଲା। କମିଟି ଦ୍ୱାରା ତଦନ୍ତ ସମୟରେ ଅନିୟମିତତା ହୋଇଥିବା ତଥ୍ୟ ସାମ୍ନାକୁ ଆସିଥିଲା ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ପରିଚାଳକ ଲକ୍ଷ୍ମୀଧର ମହାପାତ୍ର ସୂଚନା ଦେଇଛନ୍ତି। ତେବେ କ୍ୟାବିନ ଟଙ୍କା ଅନିୟମିତତା ନେଇ ପ୍ରାୟ ୧ ମାସ ହେଲା ସାମ୍ନାକୁ ଆସିଥିଲେ ମଧ୍ୟ ତଦନ୍ତ ପ୍ରକ୍ରିୟା ବହୁ ବିଳମ୍ବ ହୋଇଥିବା ନେଇ ବୁଦ୍ଧିଜୀବୀ ଅଭିଯୋଗ କରିବା ସହ ଏଥିରେ ଅନ୍ୟ କର୍ମଚାରୀ ମଧ୍ୟ ସମ୍ପୃକ୍ତ ରହିଥିବା କହିଛନ୍ତି। ଆଉ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭି. ସରୋଜିନୀ ଦେବୀଙ୍କୁ ପଚାରିବାରୁ କ୍ୟାବିନ ଟଙ୍କା ହେରଫେର ହୋଇଥିବା ନେଇ ଅଭିଯୋଗ ହେବା ଏବଂ ଥାନାରେ ଏତଲା କଥାକୁ ସ୍ୱୀକାର କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ସୂଚନା ଦେଇଛନ୍ତି। ଅଭିଯୋଗ ଆସିଲା ପରେ ଟୁନା ପାତ୍ରିକାଙ୍କୁ ଗତ ଜାନୁଆରୀ ଶେଷରୁ ମେଡିକାଲ କର୍ତ୍ତୃପକ୍ଷ ଦାୟିତ୍ୱରୁ ହଟାଯାଇଥିବା ସେ କହିଛନ୍ତି। ଏ ନେଇ ଟୁନା ପାତ୍ରିକାଙ୍କୁ ପଚାରିବାରୁ ମୋ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ଓ ଆଦାୟ କରୁଥିବା ସମସ୍ତ ଟଙ୍କାକୁ ଆକାଉଣ୍ଟାଣ୍ଟଙ୍କ ନିକଟରେ ଡିପୋଜିଟ କରିଥିବା ସେ କହିଛନ୍ତି।

## ପ୍ରଥମେଶ ଅରବିନ୍ଦ ରାଜସିର୍କେ ମାଲକାନଗିରି ନୂଆ ଜିଲାପାଳ

ମାଲକାନଗିରି, ୧୨।୩(ସୁଚିତ୍ରା ଦାସ)



ପ୍ରଥମେଶ ଅରବିନ୍ଦ ରାଜସିର୍କେ।

ମାଲକାନଗିରି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ବଦଳି ହୋଇଛି। ସେ ବୟନ ଓ ହସ୍ତତନ୍ତ ଶିଳ୍ପ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇ ମାଲକାନଗିରିରୁ ବଦଳି ହୋଇଛନ୍ତି। ବର୍ତ୍ତମାନ ତାଙ୍କ ସ୍ଥାନରେ ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଜିଲାପାଳ ଭାବେ ମାଲକାନଗିରିରେ ଯୋଗଦେବେ। ସେ ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜସିର୍କେ ୨୦୨୧ ବ୍ୟାଚ୍‌ର ବିଟେକ୍ ଛାତ୍ର ହୋଇଥିବା ବେଳେ ସେ ମହାରାଷ୍ଟ୍ର କୋହ୍ଲାପୁର ଶିବାଜୀ ୟୁନିଭର୍ସିଟିରେ ଇଞ୍ଜିନିୟରିଂ କରିଥିଲେ। ଏଥିସହ ସେ ବ୍ରହ୍ମପୁର ଉନ୍ନୟନ ଅଥରିଟିର ଉପାଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ପୂର୍ବତନ ଜିଲାପାଳ ଉପାଧ୍ୟାୟ ମାଲକାନଗିରି ଜିଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ବେଳେ ଆଗାମୀ ଦିନରେ ରାଜସିର୍କେ ମଧ୍ୟ ଜିଲାକୁ ବିକାଶ ଦିଗରେ ଆଗେଇନେବେ ବୋଲି ଆଶା ରହିଥିବା ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

## ୨୫ ଆଦିବାସୀ ମହିଳା ସୁଭଦ୍ରା ଯୋଜନାରୁ ବଞ୍ଚିତ ଅଭିଯୋଗ



ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

ଗୁଡ଼ାରି, ୧୨।୩ (ପ୍ରମୋଦ କୁମାର ପତି)

ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନାରେ ଯୋଗ୍ୟ ମହିଳାଙ୍କୁ ମହିଳା ଦିବସ ଅବସରରେ ଚତୁର୍ଥ କିସ୍ତି ଟଙ୍କା ମିଳିଛି। କିନ୍ତୁ ରାୟଗଡା ଜିଲା ଗୁଡାରି ବ୍ଲକ୍ ଅସଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡିମିରିଗୁଡା ଗ୍ରାମର ପ୍ରାୟ ୨୫ ଜଣ ଆଦିବାସୀ ମହିଳା ସୁଭଦ୍ରା ଯୋଜନାରେ ଟଙ୍କା ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ଆଦିବାସୀ ମହିଳାମାନେ ସରପଞ୍ଚ ସୁଦାମ ଶବରଙ୍କ ସହ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓ ଶୁଚିସ୍ମିତା ବେହେରାଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବିଡିଓ ଏହି ଘଟଣାର ତଦନ୍ତ ପାଇଁ ସିଡିପିଓ ଅନିତା ପାଣିଗ୍ରାହୀଙ୍କୁ କହିଥିଲେ। କିନ୍ତୁ ଦାୟିତ୍ୱରେ ଥିବା କର୍ମଚାରୀମାନେ ସମୂହ ଛୁଟିରେ ଯାଇଥିବାରୁ ସେମାନେ ଆସିଲେ ଏ ଦିଗରେ ଆଲୋଚନା କରିବେ ବୋଲି କହିଥିଲେ। ଏ ନେଇ ବିଡିଓ କହିଛନ୍ତି, ଏମାନଙ୍କ ମଧ୍ୟରୁ ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେମାନଙ୍କୁ ନିଶ୍ଚିତ ଭାବେ ସୁଭଦ୍ରା ଟଙ୍କା ମିଳିବ। ବ୍ଲକ୍‌ସ୍ତରରେ ତ୍ରୁଟି ଥିଲେ ଖୁବ୍‌ଶୀଘ୍ର ସମାଧାନ କରାଯିବ ଏବଂ ଯଦି ଜିଲାସ୍ତରରେ କୌଣସି ଅସୁବିଧା ହୋଇଥାଏ ତେବେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନାକରି ଏ ଦିଗରେ ପଦକ୍ଷେପ ନେବେ ବୋଲି ବିଡିଓ ବେହେରା କହିଛନ୍ତି।

## ରନ୍ଧନ ଗ୍ୟାସ୍ ସମସ୍ୟା, ମଧ୍ୟାହ୍ନଭୋଜନ ପ୍ରଭାବିତ ଆଶଙ୍କା

ଧରାକୋଟ, ୧୨।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଗଞ୍ଜାମ ଜିଲାରେ ପଡିଛି। ତୈଳ ସହ ଗ୍ୟାସ ସଙ୍କଟ ଧୀରେଧୀରେ ଦେଖା ଦେଉଛି। ଫଳରେ ଅଗାମୀ ଦିନରେ ଧରାକୋଟ ବ୍ଲକର ୧୨୫ଟି ବିଦ୍ୟାଳୟରେ ୧୫୧୦୮ ଛାତ୍ରୀଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ରୋଷେଇ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି। ଗ୍ୟାସ ସିଲିଣ୍ଡର ସହାୟତାରେ ବିଦ୍ୟାଳୟଗୁଡ଼ିକରେ ହେଉଥିବା ଏହି ରୋଷେଇ ପାଇଁ ଗ୍ୟାସ ସିଲିଣ୍ଡରର ଅଭାବ ଦେଖାଦେଲାଣି। ଯଦି ପରିସ୍ଥିତି ନ ସୁଧରେ ତେବେ ଆଗାମୀ ଦିନରେ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନ ଭୋଜନ ରୋଷେଇ ପ୍ରଭାବିତ ହେବ। ବ୍ଲକର ୧୧୮ ବିଦ୍ୟାଳୟରେ ଗ୍ୟାସ ସଂଯୋଗ ରହିଥିବାରୁ ମଧ୍ୟାହ୍ନ ଭୋଜନ ରୋଷେଇରେ ଯେପରି ସମସ୍ୟା ନ ଉପୁଜେ ସେଥିପାଇଁ ରାଜ୍ୟ ନୋଡାଲ ଅଧିକାରୀ ବିଇଓମାନଙ୍କୁ ବ୍ଲକର ସବୁ ବିଦ୍ୟାଳୟ ପାଇଁ ପ୍ରତି ମାସରେ କେତୋଟି ସିଲିଣ୍ଡର ଆବଶ୍ୟକ ଜଣାଇବାକୁ ଚିଠି ଲେଖିଛନ୍ତି। ଏ ସମ୍ପର୍କରେ ବିଇଓ ରମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ୟାସର ଅଭାବ ସମ୍ପର୍କରେ ଆମେ ଏଯାଏ କେଉଁଠୁ ଅଭିଯୋଗ ପାଇନାହୁଁ। କୌଣସି ପରିସ୍ଥିତିରେ ମଧ୍ୟ ମଧ୍ୟାହ୍ନ ଭୋଜନ ରୋଷେଇ ବନ୍ଦ ହେବନାହିଁ ବୋଲି ସେ କହିଛନ୍ତି।

## ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ଖଲାସ

ଗୁଣପୁର, ୧୨।୩(ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଏଡିଜେ କୋର୍ଟ ଗୁରୁବାର ଏକ ଗଞ୍ଜେଇ ଚାଲାଣ ମାମଲାର ଶୁଣାଣିକରି ପ୍ରମାଣ ଅଭାବରୁ ଅଭିଯୁକ୍ତ ସନ୍ଦିପ ସିଂ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ସନ୍ଦିପଙ୍କୁ ଏଡିଜେ ଦେବଦତ୍ତ ପଟ୍ଟନାୟକ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପାଇଁ ଭାଗୀରଥି ବାଙ୍ଗିରି ମାମଲା ପରିଚାଳନା କରିଥିଲେ।

ମାମଲାରୁ ଜଣାଯାଏ, ୨୦୨୩ ସେପ୍ଟେମ୍ବର ୧୧ରେ ଗୁଡ଼ାରୀ ଥାନା ଅଧୀନ ସର୍ଗିଗୁଡ଼ା ଗ୍ରାମର ସନ୍ଦିପ ଖିଲାମୁଣ୍ଡା ଛକରେ ଗୋଟିଏ ଜରି ବ୍ୟାଗ୍ ଧରି ଠିଆ ହୋଇଥିଲେ। ସେହି ସମୟରେ ପାଟ୍ରୋଲିଂ କରୁଥିବା ଅବକାରୀ ବିଭାଗ ସନ୍ଦେହରେ ସନ୍ଦିପଙ୍କ ବ୍ୟାଗ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଜବତ ଗଞ୍ଜେଇକୁ ଓଜନ କରିବାରୁ ୫.୫୦୦ ଗ୍ରାମ ଥିବା ଜଣାପଡ଼ିଥିଲା। ଏହା ପରେ ଅବକାରୀ ବିଭାଗ ସନ୍ଦିପଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଅବକାରୀ ନିରୀକ୍ଷକ ପ୍ରତିଭା ନାୟକଙ୍କ ଏତଲା କ୍ରମେ ମାମଲା ରୁଜୁ ହୋଇଥିଲା।

## ଆଦିବାସୀ ସମାଜର ପଞ୍ଚାୟତସ୍ତରୀୟ ବୈଠକ



ବୈଠକରେ ଉପସ୍ଥିତ ଆଦିବାସୀ ସମାଜର କର୍ମକର୍ତ୍ତା।

ଚନ୍ଦ୍ରପୁର, ୧୨।୩ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ପିଷ୍ପାଙ୍ଗା ପଞ୍ଚାୟତ ଅଧୀନ ଗାହିଗୁଡ଼ା ଗ୍ରାମର ଆମ୍ବୋଟୋଟାଠାରେ ଗୁରୁବାର ନୂତନ ଭାବେ ଗଠିତ ଆଦିବାସୀ ସମାଜର ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘର ସମ୍ପାଦକ ଟିବୁ ସାରକା ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବୈଠକରେ ଆଦିବାସୀଙ୍କ ସମସ୍ୟା, ନୂତନ ସଂଘର ନୀତିନିୟମ, ସମସ୍ତେ କିପରି ଏକଜୁଟ ହୋଇ କାମ କରିବା, ଆଦିବାସୀଙ୍କ ନ୍ୟାଯ୍ୟ ଦାବି କେମିତି ହାସଲ କରିବା ସହ ପ୍ରତ୍ୟେକ ପଞ୍ଚାୟତରେ କିପରି ପଞ୍ଚାୟତସ୍ତରୀୟ କମିଟି ଶୀଘ୍ର ଗଠନ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଆଇଟି ସେଲ୍‌ର ମୁଖ୍ୟ ବିଜୟ ମିଲେକା, ନୂତନ ସଂଘର ସଭାପତି ଧରଣୀ ପ୍ରଡିକା, ସାଙ୍ଗଠନିକ ସମ୍ପାଦକ ବିଜୟ ଉଲାକା, ସତ୍ୟନାରାୟଣ ପ୍ରଡିକା, ପତି ମାମଲାକା, ଶିବ ମାମଲାକାଙ୍କ ସମେତ ନୂତନ ଭାବେ ଚୟନ କରାଯାଇଥିବା ପଞ୍ଚାୟତସ୍ତରୀୟ କମିଟିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଆଦିବାସୀ ସମାଜର ଉନ୍ନତି ପାଇଁ କାମ କରିବାକୁ ଶପଥପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଭାପତି ଧରଣୀ ପ୍ରଡିକା ପରିଚାଳନା କରିଥିଲେ।

## ମାଟ୍ରିକ୍ ପରୀକ୍ଷାରେ କପି ଯୋଗାଣ ଘଟଣା, ଶିକ୍ଷକ ନିଲମ୍ବିତ

ରାୟଗଡା, ୧୨।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା କୋଲନରା ବ୍ଲକ୍ ଅନ୍ତର୍ଗତ କୈଳାସପୁରସ୍ଥିତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ କପି ଯୋଗାଇବା ଅଭିଯୋଗରେ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ ଜଣେ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି। ଭୋଇମଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଶୈଳେନ୍ଦ୍ର କୁମାର ସ୍ୱାଇଁ ବିଦ୍ୟାଳୟ ପରିସରକୁ ବେଆଇନ ଭାବେ ପ୍ରବେଶ କରି ପରୀକ୍ଷା ହଲରେ ମାଟ୍ରିକ ପରୀକ୍ଷାରେ ପଡିଥିବା ପ୍ରଶ୍ନର ଉତ୍ତର ଡାକୁଥିବା ଏବଂ ଓଡିଶା ପରୀକ୍ଷା ପରିଚାଳନା ନିୟମ ୧୯୮୮ ଉଲଂଘନ କରିବା ଅଭିଯୋଗରେ ନିଲମ୍ବନ କରିଥିବା ଆଦେଶରେ ଉଲ୍ଲେଖ ରହିଛି। ନିଲମ୍ବନ ସମୟରେ ଶିକ୍ଷକଙ୍କୁ ଜାମୁଲେଲିବାଡି ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ଡିଇଓ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ଜାମୁଲେଲିବାଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବିନା ଅନୁମତିରେ ମୁଖ୍ୟ କାର୍ଯ୍ୟାଳୟ ଛାଡିପାରିବେ ନାହିଁ ବୋଲି ଡିଇଓ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଶିକ୍ଷା ବିଭାଗ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ ମଙ୍ଗଳ ବିଭାଗ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପରୀକ୍ଷା ସୁପରଣ୍ଟେଣ୍ଡେଣ୍ଟ ଓ ଅନ୍ୟ ଜଣେ ଶିକ୍ଷକଙ୍କ ବିରୋଧରେ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥବବା ଜଣାପଡ଼ିଛି।

ପ୍ରକାଶ ଥାଉକି, ମାଟ୍ରିକ ବୋର୍ଡ ପରୀକ୍ଷାର ଅନ୍ତିମ ଦିନରେ ଗଣିତ ପରୀକ୍ଷା ଚାଲିଥିବା ବେଳେ ବିଦ୍ୟାଳୟକୁ ସ୍କ୍ୱାଡ୍ ଆସିଥିଲେ। ଏହି ସମୟରେ ପିଲାଙ୍କୁ ଦୁଇଜଣ ଶିକ୍ଷକ ବେଆଇନ ଭାବେ ବିଦ୍ୟାଳୟ ମଧ୍ୟରେ ପ୍ରବେଶ କରି ପ୍ରଶ୍ନର ଉତ୍ତର ଡାକୁଥିବା ସ୍କ୍ୱାଡ୍ ରୂପେ ଆସିଥିବା ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ଶାନ୍ତିଲତା ମୁନୀ ଓ ଅନ୍ୟ ଜଣେ ଏବିଇଓଙ୍କ ନଜରରେ ପଡ଼ିଥିଲା। ସ୍କ୍ୱାଡ୍ ହାତରେ ଧରା ପଡ଼ିଥିବା ଶିକ୍ଷକ ୨ଜଣ ହେଲେ ବଡ ଖିଲାପଦର ବିଦ୍ୟାଳୟର ସହକାରୀ ଶିକ୍ଷକ ସ୍ୱରାଜ ବେହେରା ଓ ଭୋଇମଡା ବିଦ୍ୟାଳୟର ସହକାରୀ ଶିକ୍ଷକ ଶୈଳେନ୍ଦ୍ର ସ୍ୱାଇଁ। ଏହି ଘଟଣା ପରେ ରାୟଗଡା ଡିଇଓ ରାମଚନ୍ଦ୍ର ନାହାକ ପରୀକ୍ଷା ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟ ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶିକେସନ ବାଘ ଏବଂ ୨ ଶିକ୍ଷକଙ୍କ ନାମରେ ଚାନ୍ଦିଲି ଥାନାରେ ଏତଲା ଦେଇଥିଲେ। ଶିକ୍ଷା ବିଭାଗର ଶିକ୍ଷକଙ୍କୁ ଡିଇଓ ନିଲମ୍ବନ କରିଥିବା ବେଳେ ମଙ୍ଗଳ ବିଭାଗର ପ୍ରଧାନ ଶିକ୍ଷକ ଓ ଅନ୍ୟ ଜଣେ ଶିକ୍ଷକଙ୍କୁ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ପଚାରିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗକୁ ପଠାଯାଇଥିବା ପ୍ରକାଶ କରିଛନ୍ତି।

## ପୋକ୍ସୋ, ଶିଶୁ ଯୌନ ନିର୍ଯାତନା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ତାଲିମ

ମୋହନା, ୧୨।୩(ମନ୍ମଥ ମିଶ୍ର)

ଦିନକୁ ଦିନ ରାଜ୍ୟରେ ଶିଶୁ ନିର୍ଯାତନା, ବଳାତ୍କାର ବଢ଼ିବାରେ ଲାଗିଛି। ଏହାକୁ ଗୁରୁତର ସହ ନେଇ ଗଜପତି ଜିଲା ପୋଲିସ ବିଦ୍ୟାଳୟକୁ ବିଦ୍ୟାଳୟ ଯାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ସହ ସତନ୍ତ୍ର ତାଲିମ ଦେଉଛି। ମୋହନା ଥାନା ଗୁଣ୍ଡିମା ଆଦର୍ଶ ବିଦ୍ୟାଳୟରେ ପୋସ୍କୋ ଆଇନ ଓ ଶିଶୁ ଯୌନ ନିର୍ଯାତନା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବିଶେଷ ତାଲିମ ପ୍ରଦାନ କରାଯାଇ ସଚେତନ କରାଯାଇଛି। କିଭଳି ଛୋଟ ଛୋଟ ଶିଶୁମାନେ ଅସାମାଜିକ ଲୋକଙ୍କ ପ୍ରଲୋଭନରେ ପଡି ବଳାତ୍କାର ଓ ହତ୍ୟାର ଶିକାର ହେଉଛନ୍ତି ସେନେଇ ସେମାନଙ୍କୁ ବିଶେଷ ତାଲିମ ପ୍ରଦାନ କରାଯାଉଛି।

## ବିଲରୁ ମୃତଦେହ ଜବତ

ଗୋପାଳପୁର, ୧୨।୩(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଭାବିନାରାୟଣପୁର ଗ୍ରାମର ଏକ ବିଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ବ୍ରହ୍ମପୁର ଗେଟ ବଜାର ଅଞ୍ଚଳର ସୁବାଷ ନାୟକ (୬୦)। ଭାବିନାରାୟଣପୁର ଗ୍ରାମର କେ.ସୋମେୟା ଘରେ ଦୀର୍ଘ ୨ ବର୍ଷ ହେଲା ସୁବାଷ କାମ କରି ଆସୁଥିଲେ। ବୁଧବାର ରାତି ପ୍ରାୟ ୮ ଟାରେ ସୋମେୟା ତାଙ୍କ ଫୋନ ଯୋଗେ ସ୍ତ୍ରୀଙ୍କୁ ସୁବାଷ ବିଲରେ ମୃତ୍ୟୁ ହୋଇଥିବା ନେଇ କହିଥିଲେ। ସ୍ତ୍ରୀ ବାସନ୍ତୀ ସେଠାରେ ପହଞ୍ଚି ସ୍ୱାମୀ ମୁହଁମାଡ଼ି ପଡ଼ିଥିବା ଦେଖିବାକୁପାଇଥିଲେ। ଏନେଇ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ।

## ବିନା ପ୍ରତିଦ୍ୱନ୍ଦ୍ୱିତାରେ ସମସ୍ତ ପ୍ରାର୍ଥୀ ନିର୍ବାଚିତ

### ମାଲକାନଗିରି ଓକିଲ ସଂଘ ନିର୍ବାଚନ

- ସଭାପତି ହେଲେ ପ୍ରୀତ୍‌ପାଲ, ସମ୍ପାଦକ ନୃସିଂହ

ମାଲକାନଗିରି, ୧୨।୩ (ସୁଚିତ୍ରା ଦାସ)



ବାର୍‌ର ସମସ୍ତ ସଦସ୍ୟ, ବରିଷ୍ଠ ଆଇନଜୀବୀଙ୍କ ସମେତ ନୂତନ ନିର୍ବାଚିତ ପ୍ରତିନିଧିଙ୍କୁ ଫୁଲମାଳ ଦେଇ ସ୍ୱାଗତ କରୁଛନ୍ତି।

ରାଜ୍ୟ ବାର୍ କାଉନ୍‌ସିଲ ତରଫରୁ ସାରା ରାଜ୍ୟର ପଞ୍ଜୀକୃତ ବାର୍‌ମାନଙ୍କରେ ନିର୍ବାଚନ ପାଇଁ ମାର୍ଚ୍ଚ ୨୮ ତାରିଖ ଧାର୍ଯ୍ୟ ହୋଇଥିଲା। ଏଥିଲାଗି ମାର୍ଚ୍ଚ ୭ରୁ ୯ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ହୋଇଥିଲା। ତେବେ ମାଲକାନଗିରି ଜିଲା ଓକିଲ ସଂଘ ନିର୍ବାଚନ ପାଇଁ ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଓ ୬ଜଣ ଏକ୍‌ଜିକ୍ୟୁଟିଭ ବଡି ମେମ୍ବର ସମସ୍ତ ପଦବୀ ପାଇଁ ଜଣେ ଜଣେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ୧୧ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଥିବାବେଳେ ୧୨ ତାରିଖରେ ନାମାଙ୍କନପତ୍ର ଯାଞ୍ଚର ଫଳାଫଳ ନିର୍ବାଚନ ଅଧିକାରୀ ରଥିକୃଷ୍ଣ ପାତ୍ର ଘୋଷଣା କରିଛନ୍ତି। ତାଙ୍କ ପତ୍ର ସଂଖ୍ୟା ୬ରେ ସମସ୍ତ ପ୍ରାର୍ଥିପତ୍ର କାଏମ ଥିବା ଜଣାଇଥିଲେ। ଉକ୍ତ ପ୍ରାର୍ଥିପତ୍ର ଯାଞ୍ଚ ଫଳାଫଳ ଅନୁଯାୟୀ ସଭାପତି ଭାବେ ପ୍ରୀତ୍‌ପାଲ ସିଂ, ଉପସଭାପତି ଭାବେ ସରୋଜ କୁମାର ମହାନ୍ତି, ସମ୍ପାଦକ ଭାବେ ନୃସିଂହ ଚରଣ ମହାନ୍ତି, ସହ ସମ୍ପାଦକ ଭାବେ ସାଗର ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭାବେ ବିଭୁ ଆସିଦାନ ସଗରିଆ ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏକ୍‌ଜିକ୍ୟୁଟିଭ ବଡି ମେମ୍ବର ଭାବେ ଜୟନ୍ତୀ ବିଶ୍ୱାସ, ନୀଳକଣ୍ଠ ବିଶ୍ୱାସ, ରୁମ୍ପା ଦେବନାଥ, ଶୈଳବାଳା ପଣ୍ଡା, ନରେନ୍ଦ୍ର କୁମାର ଛତ୍ରି, ରମେଶ ଦୁଆରି ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି।

ରାଜ୍ୟ ବାର୍ କାଉନସିଲର ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ମାର୍ଚ୍ଚ ୨୮ରେ ନିର୍ବାଚନ ହେବାକୁ ଥିବାବେଳେ ମାଲକାନଗିରି ଜିଲା ବାର୍ ଆସୋସିଏସନର ସମସ୍ତ ନିର୍ବାଚିତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ପାତ୍ର ସୂଚନା ଦେଇଛନ୍ତି। ଗୁରୁବାର ନାମାଙ୍କନପତ୍ର ଯାଞ୍ଚର ଫଳାଫଳ ବାହାରିବା ପରେ ବାର୍‌ର ସମସ୍ତ ସଦସ୍ୟ, ବରିଷ୍ଠ ଆଇନଜୀବୀଙ୍କ ସମେତ ନୂତନ ନିର୍ବାଚିତ ପ୍ରତିନିଧିଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିଥିଲେ।

## ଆଦିବାସୀଙ୍କୁ ରୋଜଗାର ଦେଉଛି ମହୁଲ

### ସଂରକ୍ଷଣ, ବଜାର ବ୍ୟବସ୍ଥା ନ ଥିବାରୁ ଉଚିତ ମୂଲ୍ୟ ପାଉନାହାନ୍ତି ଗୋଟାଳି

କୋରୁକୋଣ୍ଡା, ୧୨।୩(ଶିବଦତ୍ତ ସାହୁ)



ଜଙ୍ଗଲରୁ ମହୁଲ ଫୁଲ ସଂଗ୍ରହ କରୁଥିବା ପିଲାମାନେ।

ପ୍ରତିବର୍ଷ ଫଗୁଣ ମାସ ଆରମ୍ଭ ହେଉଣୁ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ମହୁଲ ଗଛରୁ ଫୁଲ ଝଡ଼ିବା ଆରମ୍ଭ ହୋଇଥାଏ। ଏହି ମହୁଲ ଫୁଲକୁ ସ୍ଥାନୀୟ ଅଞ୍ଚଳବାସୀ ଜଙ୍ଗଲରୁ ସଂଗ୍ରହ କରି ଆଣିବା ପରେ ଏହାକୁ ବିକ୍ରିକରି ଦୁଇପଇସା ରୋଜଗାରକରି ପରିବାର ପୋଷଣ କରିଥାନ୍ତି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ପ୍ରତିଦିନ ବଡି ଭୋରୁ ମୁଣ୍ଡରେ ଟୋକେଇ ଧରି ନିଜ ପରିବାର ଲୋକଙ୍କ ସହ ପାଖ ଜଙ୍ଗଲରେ ପହଞ୍ଚି ମହୁଲ ସଂଗ୍ରହ କରିଥାନ୍ତି। ମୁଣ୍ଡଝାଳ ତୁଣ୍ଡରେ ମାରି ଏହି ମହୁଲ ସଂଗ୍ରହକରି ଘରକୁ ଆଣିବା ପରେ ଏହାକୁ ଖରାରେ କିଛିଦିନ ଶୁଖାଇ ବିକ୍ରି କଲେ ପରିବାର ଚଳେ। ହେଲେ ପରିଶ୍ରମ ଅନୁସାରେ ଉଚିତ ମୂଲ୍ୟ ମିଳୁ ନ ଥିବା ମହୁଲ ଫୁଲ ଗୋଟାଳିମାନେ କହି ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲାରେ ମହୁଲ ସଂରକ୍ଷଣ କରିବା ପାଇଁ ବ୍ୟବସ୍ଥା ନ ଥିବା ଯୋଗୁ ଏବଂ ସରକାରଙ୍କ ତରଫରୁ ଏହାକୁ ଉଚିତ ଦରରେ ବିକ୍ରି କରିବା ପାଇଁ ବଜାର ବ୍ୟବସ୍ଥା ନ ଥିବାରୁ ଅଞ୍ଚଳବାସୀ ନିରୁପାୟ ହୋଇ କିଲୋ ପିଛା ୧୫ରୁ ୨୦ ଟଙ୍କାରେ ସ୍ଥାନୀୟ ବେପାରୀଙ୍କୁ ବିକ୍ରି କରୁଥିବା କହିଛନ୍ତି। ତେବେ ପରିଶ୍ରମ ତୁଳନାରେ ଏହା ଯଥେଷ୍ଟ କମ ହୋଇଥିବାରୁ ସରକାରୀ ଭାବେ ବିକ୍ରି ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

